# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଦ୍ୱାଦଶ ବର୍ଷ | ତୃତୀୟ ସଂଖ୍ୟା | ଅକ୍ଟୋବର ୨୦୧୫



**ଉପଦେଷ୍ଟା ମଣ୍ଡଳୀ**
ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

●

**ସମ୍ପାଦନା ମଣ୍ଡଳୀ**
ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

●

**ସଂପାଦକ**
ସନ୍ତୋଷ କୁମାର ମହାପାତ୍ର

●

**ସହ ସଂପାଦକ**
ଅଭୟ କୁମାର ଦାସ

●

**ପରିଚାଳକ**
ଧନେଶ୍ୱର ନାୟକ

●

**ସହକାରୀ ପରିଚାଳକ**
ପ୍ରଭାତ କୁମାର ବେହେରା

●



ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- ସ୍ୱାଧୀନ ମତଦେବା
- ଚେଇଁ ଶୋଇଥିବ
- ଏକ ଚମତ୍କାର
- ଅବହେଳିତ ସାମାଜିକ
- ଏକତା ଐକ୍ୟବଦ୍ଧ
- ଭଣ୍ଡ ବାବା
- ଆଉ ଏକ ନୂତନ ସୂର୍ଯ୍ୟ
- ଆସ ବନ୍ଧୁ
- ସରକାରଙ୍କ ଘରୋଇ ସଂସ୍ଥା
- ବିହାର ନିର୍ବାଚନ


*ସଂପାଦକୀୟ........................*

# ସ୍ୱାଧୀନ ମତଦେବା ଉପରେ ଆକ୍ରମଣ

ଏକ ସ୍ୱାଧୀନ ତଥା ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସ୍ୱାଧୀନ ଭାବେ ମତ ଦେବାର ଅଧିକାର । ଏହି ଅଧିକାର ଯଦି ମଣିଷଠାରୁ ଛଡ଼ାଇ ଦିଆଯାଏ ବା ତା'ଉପରେ ଅଙ୍କୁଶ ଲଗାଯାଏ ତେବେ ମଣିଷ ଜୀବନ ମୂଲ୍ୟ ହୀନ । କେବଳ ମତଦେବା ନୁହେଁ ନିଜର ଖାଇବା, ପିଇବା, ଚାଲି ଚଳନ ଉପରେ ସ୍ୱାଧୀନତା ରହିବା ଉଚିତ୍ । ଅବଶ୍ୟ ଏହା ଅନ୍ୟର ବା ସମାଜର କ୍ଷତିକାରକ ଭାବେ ସାବିତ୍ ହେବା ଅନୁଚିତ୍ । କିନ୍ତୁ ବିଭିନ୍ନ ସମୟରେ ଶାସକ ଗୋଷ୍ଠୀ କ୍ଷମତାଶାଳୀ ଲୋକ ନିଜ ସ୍ୱାର୍ଥ ପାଇଁ ବା ନିଜ ଦୂର୍ବଳତା ଘୋଡ଼ାଇବା ପାଇଁ ଜନସାଧାରଣ ତଥା ବୁଦ୍ଧିଜୀବୀଙ୍କ ଏହି ଗଣତାନ୍ତ୍ରିକ ଅଧିକାର ଉପରେ ଅଙ୍କୁଶ ଲଗାଇବା ପାଇଁ ଚେଷ୍ଟା କରିଛନ୍ତି । ଜ୍ଞାନ ପିପାସୁ, ବୈଜ୍ଞାନିକମାନଙ୍କୁ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଛି । ଅତୀତରେ ମୁକ୍ତି ଚିନ୍ତକ ଓ ସମାଜ ସଂସ୍କାରକ ମାନଙ୍କୁ ନାନାପ୍ରକାର ନିର୍ଯ୍ୟାତନାର ଶରବ୍ୟ ହେବାକୁ ପଡ଼ିଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ଏପରି ଘଟିଥିଲା । କିନ୍ତୁ ଦୁଃଖ ପରିତାପର ବିଷୟ ହେଉଛି ବର୍ତ୍ତମାନ ବିଜେପି ନେତୃତ୍ୱାଧିନ ମୋଦି ସରକାର ସିଧାସଳଖ ଭାବେ ଆକ୍ରମଣ ନ କଲେ ମଧ ପରୋକ୍ଷରେ ଏପରି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ବା ଯେଉଁଠି ଘଟୁଛି କୌଣସି ସମାଧାନର ପଦକ୍ଷେପ ନେଉନାହାନ୍ତି । ଦେଶରେ ବିଭିନ୍ନ କୋଣ ଅନୁକୋଣରେ ଅସଭ୍ୟତା ଓ ଅସହିଷ୍ଣୁତା ଦେଖା ଦେବା ସହିତ ମାନବବାଦୀ ଲେଖକଙ୍କ ପ୍ରତି ବିପଦ ଦେଖା ଦେଇଛି ।

ମୋଦିଙ୍କ କିଛି ସମର୍ଥକମାନେ କହୁଛନ୍ତି ଯେ ମୋଦି ବିରୋଧୀ ଲେଖକମାନଙ୍କ ସ୍ଥାନ କେବଳ ପାକିସ୍ଥାନରେ । କର୍ଣ୍ଣାଟକର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ ପ୍ରଫେସର ଅନନ୍ତମୂର୍ତ୍ତୀଙ୍କ ପ୍ରତି ଧର୍ମାନ୍ଧ ମୌଳବାଦୀମାନେ ଏପରିକି ପାକିସ୍ତାନ ପଳାଇବା ପାଇଁ ଉଡ଼ାଜାହାଜ ଟିକେଟ୍ ପଠାଇଥିଲେ । ୨୦୦୬ ମସିହାରେ ତାଙ୍କର ଗବେଷଣା ଗ୍ରନ୍ଥ 'ମାର୍ଗ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାରପ୍ରାପ୍ତ ବିଶିଷ୍ଟ କନ୍ନଡ଼ ଭାଷା ସାହିତ୍ୟବିତ୍ ପ୍ରଫେସର କାଲବୁର୍ଗୀଙ୍କୁ ହିନ୍ଦୁତ୍ୱବାଦୀ ରାମସେନାର ତିନିଜଣ ସନ୍ତ୍ରାସବାଦୀ ଯୁବକ ତାଙ୍କ ଘରେ ପସି ଗୁଳିକରି ହତ୍ୟା କରିଥିଲେ । ମହାରାଷ୍ଟ୍ରର ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତିର ପ୍ରତିଷ୍ଠାତା ଶ୍ରୀ ଡାଭୋଲକର ଏବଂ ବିଶିଷ୍ଟ ବାମପନ୍ଥୀ ନେତା ଗୋବିନ୍ଦ ପାନେସାରଙ୍କ ହତ୍ୟାକାରୀ ଓ ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କୁ ଜାତୀୟତାବାଦୀ ରାଷ୍ଟ୍ରନେତାର ସମ୍ମାନ ଦେବା ପାଇଁ ଶିବ ସେନାର ଦାବିକୁ ବିରୋଧ କରିବାରୁ ହିନ୍ଦୁ ସନ୍ତ୍ରାସବାଦୀ ସଙ୍ଗଠନ 'ସନାତନ ସଂସ୍ଥା'ଦ୍ୱାରା ହତ୍ୟାର ଶିକାର ହୋଇଥିଲେ । ଏମାନେ ଥିଲେ ହେତୁବାଦୀ ଚିନ୍ତାନାୟକ, ସମାଜ ସଂସ୍କାରକ, ମୁକ୍ତି ଚିନ୍ତକ ଓ ପ୍ରଗତିଶୀଳ ବୁଦ୍ଧିଜୀବୀ'' । ପାନେସାର ନିଜର ସଂସ୍କାର ଧର୍ମୀ ଲେଖା ପାଇଁ ଧର୍ମାନ୍ଧ ଲୋକମାନଙ୍କ ବିରାଗଭାଜନ ହେଉଥିଲେ । ଦାଭୋଲକର ମନ୍ତ୍ର, ତନ୍ତ୍ର, ଗୁଣିଗାରେଡ଼ି, କଳାଯାଦୁକୁ ଦଣ୍ଡନୀୟ ଅପରାଧ କରିବାକୁ ସରକାରଙ୍କ ଉପରେ ଚାପ ପକାଉଥିଲେ । ଉଭୟ ପାନେସାର ଓ ଦାଭୋଲକର ପ୍ରାତଃ ଭ୍ରମଣ ସମୟରେ ଗୁଳିକାଣ୍ଡର ଶିକାର ହୋଇ ଜୀବନ ହରାଇଥିଲେ । ଅଲୌକିକତା ଓ ଦେବପୁରୁଷମାନଙ୍କ ଚମତ୍କାରିତାକୁ ଅନାବରଣ କରୁଥିବା ବିଶିଷ୍ଟ ହେତୁବାଦୀ ସାନାଲ୍ ଏଡ୍ ମାରୁଙ୍କ ହତ୍ୟା ଧମକ୍ ପାଇବା ପରେ ନିଜକୁ ଅସୁରକ୍ଷିତ ମନେ କରି ଭାରତ ଛାଡ଼ି ବିଦେଶରେ ରହୁଛନ୍ତି ।

ଗତ ସେପ୍ଟେମ୍ବର ୨୮ ତାରିଖ ଦିନ ଗୋ ମାଂସ ରଖିଥିବା ମିଥ୍ୟା ଅଭିଯୋଗରେ ସ୍ଥାନୀୟ ବିଜେପି ବିଧାୟକ ସଙ୍ଗୀତ ସୋମଙ୍କ ପ୍ରରୋଚନାରେ ଉତ୍ତର ପ୍ରଦେଶ ଦାଦ୍ରୀ ପ୍ରଗନା ବିସାରା ଗ୍ରାମର ପଚାଶ ବର୍ଷ ବୟସ୍କ ମହମ୍ମଦ ଆଖଲାକଙ୍କୁ ବିଜେପି ସମର୍ଥକ ହିନ୍ଦୁଠାକୁର ସମ୍ପ୍ରଦାୟ ଲୋକେ ଜବରଦସ୍ତ ତାଙ୍କ ଘରେ ପଶି ଲାଠିରେ ପିଟି ହତ୍ୟା କରିଥିଲେ । ଏପରି ବର୍ବରୋଚିତ ଅସହିଷ୍ଣୁତା ବିରୋଧରେ ମୋଦି ପାଟି ଖୋଲୁ ନାହାଁନ୍ତି । କାରଣ ସେ ଏପରି କୁକାର୍ଯ୍ୟକୁ ପରୋକ୍ଷରେ ସମର୍ଥନ କରନ୍ତି ଯାହା ଗୁଜରାଟର ଗୋଧ୍ରା ହତ୍ୟାକାଣ୍ଡ ପରବର୍ତ୍ତୀ ସାମ୍ପ୍ରଦାୟିକ ଦଙ୍ଗା ସୂଚାଇ ଦିଏ । ସେ ଯାହା ହେଉ ଏପରି ଅସଭ୍ୟତା ଏବଂ ଅସହିଷ୍ଣୁତା ବିରୋଧରେ ଲେଖକ, କଳାକାର, ସଙ୍ଗୀତଜ୍ଞ ପ୍ରତିବାଦ ସ୍ୱରୂପ ତାଙ୍କର ପ୍ରାପ୍ତ ପୁରସ୍କାର ଫେରାଉଛନ୍ତି । ଓଡ଼ିଶାର ଜୟନ୍ତ ମହାପାତ୍ର ପୁରସ୍କାର ଫେରସ୍ତ କରିଥିବା ବେଳେ ଅନ୍ୟ ଲେଖକ, ଲେଖିକାମାନଙ୍କ ଯୁକ୍ତି ହେଉଛି ରାଜ୍ୟରେ ଯେହେତୁ ଏକ ଧର୍ମନିରପେକ୍ଷ ସରକାର ଅଛି ସେଭଳି ଧର୍ମାନ୍ଧତା ଅସହିଷ୍ଣୁତାର ଶରବ୍ୟ ସେମାନଙ୍କୁ ହେବାକୁ ପଡୁନାହିଁ ।

ଯଦିଓ କିଛି ଦେଶରେ ଧର୍ମୀୟ ମୌଳବାଦ ଚିନ୍ତାଧାରା ଗୁରୁତ୍ୱପାଇଥାଏ, ଭାରତ କିନ୍ତୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ଏହାକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ ପାଇଁ ଚେଷ୍ଟା କଲେ ହିଂସାକାଣ୍ଡ ବୃଦ୍ଧିପାଇବ ଓ ଆମମାନଙ୍କର କ୍ଷତି ହେବ ଏବଂ ଆମର ପ୍ରଗତି ବାଧାପ୍ରାପ୍ତ ହେବ, ଅଶାନ୍ତର ବାତାବରଣ ସମସ୍ତଙ୍କୁ ଗ୍ରାସ କରିବ । ଅବଶ୍ୟ ଖୁସିର ବିଷୟ ବିହାର ନିର୍ବାଚନରେ ଭୋଟରମାନେ ବିଜେପିକୁ ଯେପରି ପ୍ରତ୍ୟାଖ୍ୟାନ କଲେ ତାହା ଧର୍ମନାମରେ ରାଜନୀତି, ଧର୍ମାନ୍ଧ ମୌଳବାଦ, ଅସହିଷ୍ଣୁତା ଓ ଅହଙ୍କାର ବିରୋଧରେ ବିଜୟ ବୋଲି କହିଲେ କିଛି ଭୁଲ ହେବ ନାହିଁ ।

କ୍ଷୁଧା, ଦାରିଦ୍ର୍ୟ, ବେକାରୀ, ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶଛୁଆଁ ଦରଦାମ ହେଉଛି ଦେଶର ମୂଳ ସମସ୍ୟା । କିନ୍ତୁ ମୋଦି ଏସବୁର ସମାଧାନ କରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ଜୀବନର ଅସମ୍ପୂର୍ଣ୍ଣ ଆଶାକୁ ପୂରଣ କରିବା ପାଇଁ ରାଜକୋଷ ବ୍ୟୟରେ ବିଦେଶ ବୁଲୁଛନ୍ତି । ଇତି ମଧ୍ୟରେ ସପ୍ତମ ବେତନ କମିଶନ ତା'ର ରିପୋର୍ଟ ଦେଇଛି । କର୍ମଚାରୀଙ୍କୁ ଯାହା ଦେଲେ ତାକୁ ବିରୋଧ କରିବା ନାମରେ କିଛି ବିରୋଧ କରୁଛନ୍ତି । କିନ୍ତୁ ମଜୁରୀ ବୃଦ୍ଧି ଚାକିରିର ଏକ ଅଂଶ ଏହା ଦ୍ୱାରା ଚାହିଦା ବୃଦ୍ଧି ସହିତ ଆର୍ଥିକ ଅଭିବୃଦ୍ଧି ଘଟିଥାଏ । ଖୁସି ଓ ଗୌରବର ବିଷୟ ଆମର ପ୍ରିୟ ସଙ୍ଗଠନ AIIEA ପ୍ରଚେଷ୍ଟାରେ ଏକ ଉନ୍ନତମାନର ମଜୁରୀ ବୃଦ୍ଧି ଆଦାୟ ହୋଇପାରିଛି । ସଙ୍ଗଠନକୁ କାୟିକ, ଆର୍ଥିକ ତଥା ଆଦର୍ଶଗତ ଭାବେ ଅଧିକ ଶକ୍ତିଶାଳୀ କରିବା ଆମର ପ୍ରଥମ କର୍ତ୍ତବ୍ୟ ।

*ଅଭିନନ୍ଦନ ସହ*

ସନ୍ତୋଷ କୁମାର ମହାପାତ୍ର



# ଚେଇଁ ଶୋଇଥିବ ଯିଏ ତାକୁ ଉଠେଇପାରିବ କିଏ ?

**ଗଜେନ୍ଦ୍ରନାଥ ମହାନ୍ତି,** ଉପସଭାପତି
ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍

ଉତ୍ତରପ୍ରଦେଶର ଦାଦ୍ରିଠାରେ ମହମ୍ମଦ ଆଖଲାଖଙ୍କୁ ପିଟି ପିଟି ହତ୍ୟା କରାଯିବାର ଆଠ ଦିନ ପରେ ପ୍ରଧାନ ମନ୍ତ୍ରୀ ମୋଦି ମୁହଁ ଖୋଲି ଯାହା କହିଲେ-ବାକ୍ ଚାତୁରୀ ପୂର୍ଣ୍ଣ ସନମାଇକାର ଅନ୍ତରାଳରେ ତାହା ଥିଲା ଧର୍ମୀୟ ପକ୍ଷପାତିତାର ବିଷ । ସେହି ହତ୍ୟାକାଣ୍ଡ କିପରି ଥିଲା ଓ ସେଥିପାଇଁ କେଉଁମାନେ ଦାୟୀ ସେ ସମ୍ପର୍କରେ ଇଂରାଜୀ ଦୈନିକ 'ଦି ହିନ୍ଦୁ' (ଅକ୍ଟୋବର ୯,୨୦୧୫)ର ଖବର ହେଉଛି – ''ଆଖଲାଖଙ୍କୁ ଗୁଣ୍ଡାମାନେ ପିଟି ପିଟି ମାରି ଦେଇଛନ୍ତି । ସେମାନଙ୍କର ଅଭିଯୋଗ ଥିଲା – ଆଖଲାଖ୍ ଗୋରୁ ମାଂସ ରଖିଛି ଏବଂ ଖାଇଛି । ସେହି ଗୁଣ୍ଡାବାହିନୀରେ ବିଜେପିର ବହୁ ସଭ୍ୟ ଥିବାର ସନ୍ଦେହ ହୋଇଛି ।'' ଏପରି ଏକ ଜଘନ୍ୟ ଘଟଣା ଘଟିବାର ଆଠ ଦିନ ପରେ ସର୍ବାଧିକ ପ୍ରଗଲଭ୍ ପ୍ରଧାନମନ୍ତ୍ରୀ ମୁହଁ ଖୋଲି କହିଛନ୍ତି – ''ମୁଁ ଆଗରୁ କହିଥିଲି । ହିନ୍ଦୁମାନେ ଠିକ୍ କରିବା ଉଚିତ ସେମାନେ ମୁସଲମାନଙ୍କ ବିରୋଧରେ ଲଢ଼ିବେ ନା ଦାରିଦ୍ର୍ୟ ବିରୋଧରେ ଲଢ଼ିବେ । ମୁସଲମାନମାନେ ବି ଠିକ୍ କରିବା ଉଚିତ୍ ସେମାନେ ହିନ୍ଦୁଙ୍କ ସହିତ ଲଢ଼ିବେ ନା ଦାରିଦ୍ର୍ୟ ବିରୋଧରେ ଲଢ଼ିବେ । ଉଭୟେ ମିଶି ଦାରିଦ୍ର୍ୟ ବିରୋଧରେ ଲଢ଼ିବା ଆବଶ୍ୟକ । ଦେଶ ଏକ ହୋଇ ରହିବା ଉଚିତ । ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ଭାଇଚାରା ହିଁ ଦେଶକୁ ଆଗକୁ ନେବ । ରାଜନେତାମାନଙ୍କର ବିବାଦୀୟ ମନ୍ତବ୍ୟଗୁଡ଼ିକ ପ୍ରତି କର୍ଣ୍ଣପାତ କର ନାହିଁ । କାରଣ ତାହା ରାଜନୈତିକ ଉଦ୍ଦେଶ୍ୟସାଧନ ପାଇଁ ଉଦ୍ଦିଷ୍ଟ ।'' ଏହା ଥିଲା ବିହାରର ଏକ ନିର୍ବାଚନୀ ସଭାରେ ଗତ ଆଠ ତାରିଖ (ଅକ୍ଟୋବର ୮)ରେ ମୋଦିଙ୍କର ଭାଷଣ । ନିର୍ବାଚନୀ ସଭାରେ ମୋଦି ଦେଇଥିବା ଏହି ଭାଷଣ କ'ଣ ରାଜନୀତି ବିବର୍ଜିତ ଭାଷଣ ହୋଇପାରେ ? ମୋଦି କ'ଣ ସେହି ଜଘନ୍ୟ ହତ୍ୟାକାଣ୍ଡକୁ ନିନ୍ଦା କରି କହିପାରି ନ ଥାଆନ୍ତେ ଯେ ସେମାନେ ଯେ କେହି ହୁଅନ୍ତୁ ନା କାହିଁକି ମହମ୍ମଦ ଆଖଲଖ୍‌ଙ୍କୁ ଯେଉଁମାନେ ହତ୍ୟା କରିଛନ୍ତି ସେମାନଙ୍କୁ ଦେଶର ଆଇନ କେବେ ବି କ୍ଷମା ଦେବ ନାହିଁ । ନା ମୋଦିଙ୍କ ପାଟିରୁ ସେପରି କଥା ବାହାରି ପାରିବ ନାହିଁ ? କାରଣ ସେ ଜଣେ ସ୍ୱୟଂ ସେବକ ଏବଂ ସ୍ୱୟଂ ସେବକ ହୋଇଥିବାରୁ ସେ ଆଜି ବି ଗର୍ବିତ । ଦାଦ୍ରୀ ଘଟଣା ଉପରେ ଆଠ ଦିନର ନୀରବତା ଯେପରି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ – ଆଠ ଦିନ ପରେ ମୁହଁ ଖୋଲି ଯାହା ଯାହା ମୋଦି କହିଲେ – ତାହା ବି ହେଉଛି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ଦାଦ୍ରୀର ହତ୍ୟାକାଣ୍ଡର ଜଘନ୍ୟତା ବିଷୟରେ କହିବାର ବାଧ୍ୟବାଧକତା ମୋଦି ଅନୁଭବ କଲେ ନାହିଁ କି କେଉଁ ପୃଷ୍ଠଭୂମିରେ ତାହା ଘଟିଲା ଏବଂ ସେହି ହତ୍ୟାକାରୀମାନଙ୍କର ଉଦ୍ଦେଶ୍ୟ କ'ଣ ଥିଲା ସେ ବିଷୟରେ ବି ପାଟି ଖୋଲିଲେ ନାହିଁ । ସେ କଥା ନ କହି ମୋଦି ବିହାରର ଏକ ନିର୍ବାଚନୀ ସଭାରେ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟକୁ ନିଜ ନିଜ ବିରୁଦ୍ଧରେ ନ ଲଢ଼ି ଗରିବୀ ବିରୋଧରେ ଲଢ଼ିବା ପାଇଁ ଏବଂ ସାମ୍ପ୍ରଦାୟିକ ସଂପ୍ରୀତି ରକ୍ଷା ପାଇଁ କହିଛନ୍ତି । ରାଜନୈତିକ ନେତାମାନଙ୍କର ବିବାଦୀୟ ମନ୍ତବ୍ୟ ପ୍ରତି କାନ ନ ଦେବା ପାଇଁ ପରାମର୍ଶ ଦେଲେ କିନ୍ତୁ ତାଙ୍କ ନିଜ ଦଳର ଲୋକେ ଯେ ସେହି ନାରକୀୟ ହତ୍ୟା ଘଟଣା ସହିତ ସମ୍ପୃକ୍ତ ସେ ବିଷୟରେ ଚୁପ୍ ରହିଲେ । ସବୁ ହିନ୍ଦୁ ଓ ସବୁ ମୁସଲିମ୍‌ଙ୍କୁ କାଠଗଡ଼ାକୁ ପଠାଇବା ଦ୍ୱାରା ମୋଦି ବସ୍ତୁତଃ କାହାରିକୁ କାଠଗଡ଼ାକୁ ପଠାଇ ନାହାନ୍ତି ବୋଲି ସମ୍ପାଦକୀୟ ସ୍ତମ୍ଭରେ ମତ ରଖିଛି ଇଂରାଜୀ ଦୈନିକ 'ଦି ହିନ୍ଦୁ' (ଅକ୍ଟୋବର ୯, ୨୦୧୫) ''By refusing to name the politicians who made inflammatory speeches and asking the people to ignore them, he made it appear that this was a general malaise with no cure'' ସାଂପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ ଅଗ୍ନିବର୍ଷି ଭାଷଣ ଦେଉଥିବା ରାଜନେତାମାନଙ୍କ ନାଁ ମୋଦି ଧରୁ ନାହାନ୍ତି, କହୁଛନ୍ତି ତାକୁ କାନ ଦିଅ ନାହିଁ । ମୋଦି ସେପରି ଘଟଣାକୁ ଏକ ସାଧାରଣ ବେମାରୀ, ଯାର ଚିକିତ୍ସା କିଛି ନାହିଁ ବୋଲି କହିବାକୁ ଚେଷ୍ଟା କରୁଛନ୍ତି । ମୋଦି ଯେଉଁ ଦିନ ବିହାରର ନିର୍ବାଚନୀ ସଭାରେ ଉପରୋକ୍ତ ପ୍ରବଚନ ଦେଉଥିଲେ ସେହି ଦିନ ଜାମ୍ମୁ ଓ କାଶ୍ମୀରର ଜଣେ ସ୍ୱାଧୀନ ବିଧାୟକ ଇଞ୍ଜିନିୟର ରସିଦଙ୍କୁ ବିଜେପିର ଜଣେ ଏମ୍.ଏଲ୍.ଏ. ପିଟିଛନ୍ତି ପୁଣି ପିଟିଛନ୍ତି ଆସେମ୍ବ୍ଲି ଭିତରେ । ଅପରାଧ କ'ଣ ? ଅପରାଧ ହେଉଛି ରସିଦ୍ 'ଗୋମାଂସ ଭୋଜି' ଦେଇଥିଲେ । ଦାଦ୍ରୀ ଘଟଣା ପରେ ମୋଦି ଯେପରି ଭାବେ ମୁହଁ ଖୋଲିଛନ୍ତି ତାହା ଉକ୍ତ ଘଟଣାର ମୁକାବିଲା ପାଇଁ ଉଦ୍ଦିଷ୍ଟ ନ ଥିଲା । ଦାଦ୍ରୀରେ ଯେଉଁ ଜଘନ୍ୟ ହତ୍ୟା ଘଟଣା ଘଟିଥିଲା ତାହା ହିନ୍ଦୁତ୍ୱବାଦୀଙ୍କ ଗୋହତ୍ୟା ବିରୋଧୀ ପ୍ରଚାର ଯୋଗୁ ଯେ ଘଟିଲା ମୋଦି ସେ କଥାଭାବୁ ନାହାଁନ୍ତି ବୋଲି ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇ ଯାଉଛି ବୋଲି ଅଭିମତ ରଖିଛି ସେହି ଇଂରାଜୀ ଦୈନିକ ଦି ହିନ୍ଦୁ । ହିନ୍ଦୁ ସାମ୍ପ୍ରଦାୟିକତାବାଦ ସହିତ ଗୋଟିଏ ତରାଜୁରେ ତଉଲିବା ଦ୍ୱାରା ମୋଦି ସଂଖ୍ୟାଗରିଷ୍ଠତାବାଦ ଭଳି ମାରାତ୍ମକ ବିପଦ ପ୍ରତି ଆଖି ବୁଜି ଦେଇଛନ୍ତି । ସବୁ ସମ୍ପ୍ରଦାୟିକତାବାଦ ହେଉଛି ପ୍ରତିକ୍ରିୟାଶୀଳ ଏବଂ ତେଣୁ ବର୍ଜନୀୟ । କିନ୍ତୁ ସଂଖ୍ୟାଗରିଷ୍ଠ ସାଂପ୍ରଦାୟିକତାବାଦ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ । ବୈଷମ୍ୟର ଶିକାର ହୋଇଥିବା ସଂପ୍ରଦାୟକୁ ଅନ୍ୟମାନଙ୍କ ସହିତ ସମାନ ବୋଲି ବିଚାର କରିବାଠାରୁ ଅଧିକ ବୈଷମ୍ୟ କିଛି ନାହିଁ ।

ମୋଦିଙ୍କୁ ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିଥିଲା – ଆର୍.ଏସ୍.ଏସ୍. । ପ୍ରଧାନମନ୍ତ୍ରୀ ହେବା ପରେ ସେ କ'ଣ ଆର୍.ଏସ୍.ଏସ୍‌ର ଏଜେଣ୍ଡାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନ ନେଇ ରହିପାରିବେ ? ସେ ନିଜେ ବି ସ୍ୱୟଂସେବକ ହୋଇ ଥିବାରୁ ଆଜି ବି ଗର୍ବିତ । ସବୁ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ନେଇ ଆର୍.ଏସ୍.ଏସ୍. ସହିତ ବୈଠକରେ ବସୁଛନ୍ତି । ତାଙ୍କ ସରକାର କ'ଣ କଲା – କ'ଣ ନ କଲା ତାହା ଆର୍.ଏସ୍.ଏସ୍. ସମୀକ୍ଷା କରୁଛି । ସି.ପି.ଆଇ(ଏମ୍)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ଭାଷାରେ – ହିନ୍ଦୁରାଷ୍ଟ୍ର ହେଉଛି ମୋଦିଙ୍କ ସବୁଠାରୁ ଆଦରଣୀୟ ପ୍ରୋଜେକ୍ଟ । ''Pet political project of Hindu Rastra'' । ଏକ ବିଂଶ ଶତାବ୍ଦୀରେ ଯେତେବେଳେ ଶହ ଶହ ବର୍ଷ ଧରି ହିନ୍ଦୁରାଷ୍ଟ୍ର ହୋଇ ରହି ଆସିଥିବା ନେପାଳ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରୁଛି – ସେତିକିବେଳେ ଭାରତ ପରି ଏକ ବିଭିନ୍ନତା ଭରା ଧର୍ମନିରପେକ୍ଷ ରାଷ୍ଟ୍ରକୁ ମୋଦି ସରକାର ଏକ ଅସହିଷ୍ଣୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବାର ଏଜେଣ୍ଡାରେ ଅଛନ୍ତି । ଏହି କଥାକୁ ଆଖି ଆଗରେ ରଖି ଆରମ୍ଭ ହୋଇଥିବା ସାଂପ୍ରଦାୟିକ ହିଂସା କାଣ୍ଡକୁ ତେଣୁ ମୋଦି ନିନ୍ଦା କରି ନାହାଁନ୍ତି । କାରଣ ବିହାର ନିର୍ବାଚନରେ ଜିତିବା ପାଇଁ ତାହା ଦରକାର ।

ଦେଶରେ ବଢ଼ି ଚାଲିଥିବା ସାଂପ୍ରଦାୟିକ ହିଂସା ଏବଂ ହେତୁବାଦୀ ନାମ କରା ଲେଖକଙ୍କୁ ହତ୍ୟା କରିବା ଘଟଣାର ପ୍ରତିବାଦ କରିବାକୁ ଯାଇ ପ୍ରଖ୍ୟାତ ଲେଖକ ଲେଖିକାମାନେ ମୁହଁ ଖୋଲିଛନ୍ତି । ସେମାନେ ସେମାନଙ୍କୁ ମିଳିଥିବା ସାହିତ୍ୟ ଏକାଡ଼େମୀ ପୁରସ୍କାର ଫେରାଇ ଦେଉଛନ୍ତି । ମିଳିଥିବା ରାଶି ସୁଧ ସହ ଫେରାଇବା ବି ଆରମ୍ଭ କଲେଣି ।

କିନ୍ତୁ କରପୋରେଟ୍ ଜଗତ ନୀରବ । ସେମାନେ ନିକଟରେ ଜି.ଏସ.ଟି. ବିଲ୍‌କୁ ପାସ କରାଇବା ପାଇଁ ରାଜନୈତିକ ଦଳମାନଙ୍କୁ ମିଳିତ ଭାବେ ପରାମର୍ଶ ଦେଇଥିଲେ । ସେହିପରି ପରାମର୍ଶ କ'ଣ ସେ ମୋଦିଙ୍କ ସରକାରକୁ ଦେଇ ପାରନ୍ତେ ନାହିଁ – ସାଂପ୍ରଦାୟିକ ହିଂସା ଓ ଅସହିଷ୍ଣୁତା ପୂର୍ଣ୍ଣ ବାତାବରଣର ଅବସାନ କରିବା ପାଇଁ । କାହିଁକି ସେମାନେ ନୀରବ ? ସେମାନଙ୍କର ନୀରବତା ଯୋଗୁଁ ଉପରୋକ୍ତ ବାତାବରଣକୁ ସେମାନେ ସାହାଯ୍ୟ କରୁଛନ୍ତି ବୋଲି ଯଦି ବିଚାର କରାଯାଏ ।

❖❖❖



# ଏକ ଚମତ୍କାର ମଜୁରୀ ସଂଶୋଧନ

**ଅମାନୁଲ୍ଲା ଖାନ୍, ସଭାପତି, AIIEA**

୧ ଅଗଷ୍ଟ ୨୦୧୨ରୁ ମଜୁରୀ ସଂଶୋଧନ ମିଆଦ ଆରମ୍ଭ ହେଉଥିବା ବେଳେ, ବୀମା କର୍ମଚାରୀଙ୍କ ପାଇଁ ଏକ ସମୁନ୍ନତ ମଜୁରୀ ଆଦାୟ କରିବାର ପ୍ରତିଶୃତିକୁ AIIEA ପୂରଣ କରିଛି । ଅତ୍ୟନ୍ତ ପ୍ରତିକୂଳ ଆର୍ଥିକ ତଥା ରାଜନୈତିକ ବାତାବରଣ ମଧ୍ୟରେ, ସମସ୍ତ ପ୍ରତିବନ୍ଧକକୁ କୌଶଳ ସହକାରେ ଅତିକ୍ରମ କରି, ବୀମା କର୍ମଚାରୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ମଜୁରୀ ଆଦାୟ କିଭଳି ସମ୍ଭବ ହୋଇପାରେ ଏହା AIIEA ପୁନଃପ୍ରମାଣିତ କରିପାରିଛି ।

ଆଗମୀ ଦୁଇ ମାସ ମଧ୍ୟରେ ନୋଟିଫିକେସନ୍ ଜାରି ହେବା ସହିତ, ବହୁ ପ୍ରତିକ୍ଷୀତ ମଜୁରୀ ସଂଶୋଧନର ସମସ୍ତ ପ୍ରକ୍ରିୟା ସମାପ୍ତ ହେବା ଅନୁମେୟ । ୧ ଅଗଷ୍ଟ ୨୦୧୨ରେ ଥିବା ମୂଳଦରମା ସହ ସମସ୍ତ ମହଙ୍ଗା ଭତ୍ତାର ସମିଶ୍ରଣ ଉପରେ ୧୩.୫ ଶତାଂଶ ବୃଦ୍ଧି ସହିତ ବେତନ ପୁନର୍ଗଠନ ପାଇଁ LIC ୧୬ ଅକ୍ଟୋବର ୨୦୧୫ ରେ ବିଦ୍ଧିବଦ୍ଧ ପ୍ରସ୍ତାବ ଆଗତ କରିଥିଲା । ମୂଳ ବେତନ ବୃଦ୍ଧି ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ଭତ୍ତା ସମୂହର ମଧ୍ୟ ବୃଦ୍ଧି ପାଇଁ ପ୍ରସ୍ତାବ ରଖିଥିଲା । ଏହା ନିଶ୍ଚିତ ଯେ, ତତ୍କାଳ ମଜୁରୀ ବୃଦ୍ଧି ସହିତ ପେନ୍‌ସନ୍ ତଥା ଅବସରକାଳୀନ ଆର୍ଥିକ ଉନ୍ନତି ହେତୁ କର୍ମଚାରୀମାନେ ବିଶେଷ ଉପକୃତ ହେବେ । ଆଶା କରାଯାଏ GIPSA ଅତିଶୀଘ୍ର ପୁନଃ ଆଲୋଚନା ମାଧ୍ୟମରେ LIC ଅନୁରୂପ ପ୍ରସ୍ତାବ ଆଗତ କରିବ ।

ଦେଶବ୍ୟାପୀ ଖୁସୀର ଲହରୀ ପରିଲକ୍ଷିତ ହୋଇଛି । ଆମର କର୍ମଚାରୀ ଓ ଅଧିକାରୀମାନେ, ସଂଶୋଧନ ଜନିତ ବର୍ଦ୍ଧିତ ଦରମା ହିସାବ କରିବାରେ ସିଦ୍ଧହସ୍ତ ଅଟନ୍ତି । ଏଥିପାଇଁ, ଦେଶର ବିଭିନ୍ନ ପ୍ରାନ୍ତରୁ AIIEA କୁ କୃତଜ୍ଞତାର ବାର୍ତ୍ତା ହସ୍ତଗତ ହେବାରେ ଲାଗିଛି । AIIEAନିଶ୍ଚିତ ଯେ, କର୍ମଚାରୀମାନଙ୍କର ସଙ୍ଗଠନ ପ୍ରତି ଅଟଳ ବିଶ୍ୱାସ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପ୍ରତି ଦୃଢ଼ ସମର୍ଥନ ହିଁ ଏହିପରି ମଜୁରୀ ବୃଦ୍ଧିକୁ ସାକାର କରିବାର ମୂଳମନ୍ତ୍ର । ମଜୁରୀ ସଂଶୋଧକୁ ପୂର୍ଣ୍ଣାଙ୍ଗ ତଥା ଅଧିକ ସନ୍ତୋଷଜନକ କରିବା ପାଇଁ AIIEAକେତେକ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରସ୍ତାବ ରଖିଛି । ମଜୁରୀ ସଂଶୋଧନ ଜନିତ ସୁଫଳ କର୍ମଚାରୀମାନଙ୍କୁ ତୁରନ୍ତ ଉପଲବ୍ଧ କରାଇବା ପାଇଁ, ତ୍ୱରିତ ନୋଟିଫିକେସନ୍ ଜାରି କରାଇବାରେ AIIEA ଉଦ୍ୟମରତ ।

ଏହି ଐତିହାସିକ ଓ ଚମତ୍କାର ସଫଳତା ହାସଲ ଦିଗରେ ପଥ ଥିଲା ଅତ୍ୟନ୍ତ କଣ୍ଟକିତ । ସମୟର ଆବଶ୍ୟକତା ଅନୁଯାୟୀ, ପ୍ରଚଳିତ ପରିସ୍ଥିତିର ସଠିକ୍ ମୂଲ୍ୟାୟନ ସହ କୋଶଳ ପୂର୍ବକ ପରିଚାଳନା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଛି । ରାଜନୈତିକ ପରିସ୍ଥିତିର ସଠିକ ଆକଳନ ସହିତ ଇପସିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉପଯୁକ୍ତ କୌଶଳ ପ୍ରୟୋଗ କରିବା ହିଁ, ସଙ୍ଗଠନର ନିପୁଣତାକୁ ପ୍ରମାଣିତ କରିଛି । ଫେବୃଆରୀ ୨୦୧୪ରୁ ଆଲୋଚନା ପ୍ରକ୍ରିୟା ଆରମ୍ଭ ପରେ ଅନେକ କଠିକ ପରିସ୍ଥିତି ଦେଇ ଯିବାକୁ ପଡ଼ିଛି । କେନ୍ଦ୍ରରେ ସରକାର ପରିବର୍ତ୍ତନ ପରେ ଏହା ଅଧିକ କଷ୍ଟକର ହୋଇଗଲା । ସରକାରଙ୍କ ଆକ୍ରମଣାତ୍ମକ ନବ୍ୟ ଉଦାରବାଦୀ ନୀତି ଆପଣେଇବା ଫଳରେ ପୁଞ୍ଜିପତିଶ୍ରେଣୀ କର୍ମଚାରୀମାନଙ୍କ ଅଧିକାର ଓ ସୁବିଧା ସୁଯୋଗ ଉପରେ ଆକ୍ରମଣ କରି ନିଜର ମୁନାଫା ବୃଦ୍ଧିରେ ଲାଗିପଡ଼ିଲେ । LIC ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପରେ ମଜୁରୀ ସଂଶୋଧନ ଆଲୋଚନା ସମୟରେ ଅନ୍ୟ ଆନୁସଙ୍ଗିକ ଶିଳ୍ପର ନକାରାତ୍ମକ ଗୁଣାବଳୀକୁ ଲଦି ଦେବାକୁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଥିଲେ । LIC ମଧ୍ୟରେ କିଛି ଉପେକ୍ଷିତ ଗୋଷ୍ଠୀ, ସରକାରଙ୍କର ଏହି ନୀତିକୁ ମଦତ୍ ଯୋଗାଇଥିଲେ । ମୂଳ ବେତନ କେତେ କମ୍ କରାଯାଇପାରିବ ସମସ୍ତ ଚେଷ୍ଟା ସରକାର ଅଡ଼ିବସିଥିଲେ । ପେନସନ୍ ତଥା ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟକୁ ସିମୀତ ରଖିବା ହିଁ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅନ୍ୟ ଶିଳ୍ପରେ ସ୍ଥିରୀକୃତ ସର୍ତ୍ତକୁ ବୀମା ଶିଳ୍ପରେ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଶିଳ୍ପ ଅନ୍ତର୍ଗତ କିଛି ସଂଖ୍ୟାଲଘୁ ଓ ଅପାଂକ୍ତେୟ ସଙ୍ଗଠନ ଅତ୍ୟନ୍ତ ନିର୍ଲ୍ଲଜ ଭାବରେ ସରକାରଙ୍କ ଉପରେ ଚାପ ପକାଉଥିଲେ । LIC ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ସାମର୍ଥ୍ୟ ମୁତାବକ ମଜୁରୀ ସଂଶୋଧନ ଆଦାୟ ପାଇଁ ଉପୁଜିଥିବା ଏହି ପ୍ରତିବନ୍ଧକକୁ ଦୂର କରିବା ପାଇଁ AIIEA ସକ୍ଷମ ହୋଇପାରିଲା । AIIEAଏହି ସବୁ ଲକ୍ଷ୍ୟ ହାସଲ ପାଇଁ ଶିଳ୍ପ ମଧ୍ୟରେ ଥିବା ସମସ୍ତ ବର୍ଗର କର୍ମଚାରୀ ଓ ଅଫିସରଙ୍କ ମଧ୍ୟରେ ଏକତା ସ୍ଥାପନ କରିବାକୁ ସମ୍ଭବ ହେଲା । ରାଷ୍ଟ୍ରାୟତ୍ତ ସାଧାରଣ ବୀମା କ୍ଷେତ୍ରରେ ମଧ ଅନୁରୂପ ଏକତା ମଞ୍ଚ ସମ୍ଭବ ହୋଇପାରିଲା । ଏହି ସଂହତି ଓ ଯୌଥ ଆନ୍ଦୋଳନ ହିଁ ମୂଳ ବେତନ ବୃଦ୍ଧି କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ହଟାଇବାକୁ ସକ୍ଷମ ହେଲା । ଆମ ଶିଳ୍ପର ଆର୍ଥିକ ସାମର୍ଥ୍ୟକୁ ବିଚାରକୁ ନେଇ ମଜୁରୀ ସଂଶୋଧନ ଦେବା ଆବଶ୍ୟକ ବୋଲି AIIEA ତଥା ମିଳିତ ମଂଚର ସହଯୋଗୀ ସଙ୍ଗଠନଗୁଡ଼ିକ ରୋକଠୋକ ଭାବରେ LIC କର୍ତ୍ତୃପକ୍ଷଙ୍କୁ ଜଣାଇଦେଲେ । ସଙ୍ଗଠନ ସମୂହର ଦାବୀ ସହିତ ଏଲ୍.ଆଇ.ସି. କର୍ତ୍ତୃପକ୍ଷ ସହମତ ହେବା ସହିତ ମଜୁରୀ ସମ୍ବନ୍ଧୀୟ ଦାବୀକୁ ଦୃଢ଼ତାର ସହିତ ସରକାରଙ୍କ ନିକଟରେ ଉପସ୍ଥାପିତ କଲା । ଶତକଡ଼ା ବୃଦ୍ଧିକୁ ଗୁରୁତ୍ୱ ନ ଦେଇ ମୂଳ ବେତନ ଓ ତତ୍ ସଂଲଗ୍ନ ଅନ୍ୟାନ୍ୟ ଭତ୍ତା ସମୂହର ବିଶେଷ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ AIIEA ଏଲ୍.ଆଇ.ସି. କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲା । ଶେଷରେ ଆମର ଏହି କୌଶଳ ସଫଳ ହୋଇପାରିଲା ଓ ମଜୁରୀ ଆଲୋଚନା ଦିଗରେ ପଥ ଉନ୍ମୁକ୍ତ ହେଲା ।

ଇପସିତ୍ ମଜୁରୀ ସଂଶୋଧନ ଲକ୍ଷ୍ୟ ହାସଲ ପରେ, ପେନସନ୍ ପାଇଁ ଆଉ ଏକ ସୁଯୋଗ ଆଦାୟ ଦିଗରେ AIIEA ତାର ସମସ୍ତ କୌଶଳ କେନ୍ଦ୍ରୀଭୂତ କରିଛି । LIC ର ପେନସନ୍ ଫଣ୍ଡ ଯେହେତୁ ବଳିଷ୍ଠ ୧୯୯୫ ପେନସନ୍ ସ୍କିମ୍‌ରେ ଯୋଗ ଦେଇନଥିବା ପାଖାପାଖି ୧୨ ପ୍ରତିଶତ କର୍ମଚାରୀଙ୍କୁ ପେନ୍‌ସନ୍ ଅନ୍ତର୍ଭୁକ୍ତ କରିବାରେ ସେଭଳି କିଛି ପ୍ରତିବନ୍ଧକ ନାହିଁ । କିନ୍ତୁ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ଏ ଦିଗରେ ଅର୍ଥ ଅପେକ୍ଷା ରାଜନୀତି ମୁଖ୍ୟ ପ୍ରତିବନ୍ଧକ ସାଜୁଛି । ଆମ ଦେଶ ସମେତ ଆଜି ବିଭିନ୍ନ ଦେଶର ସରକାର ସ୍ଥିରୀକୃତ ପେନସନ୍ ଯୋଜନାକୁ ସମୂଳେ ଖତମ କରିବାକୁ ଉଦ୍ୟମରତ । ସମୟ ତାଳରେ ଲଢ଼େଇ ଓ ସଠିକ୍ କୌଶଳ ଅବଲମ୍ବନ ମାଧ୍ୟମରେ ଏହି ଦାବୀ ଆଦାୟ କରିବା ପାଇଁ AIIEAପ୍ରତିଶୃତିବଦ୍ଧ । AIIEAବଦଳୀ ଓ ସ୍ଥାନାନ୍ତର ପ୍ରସ୍ତାବକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହିତ ବାଓ –ମେଟ୍ରିକ ଆଧାରିତ ଉପସ୍ଥାନ ଉପରେ ସବିଶେଷ ଆଲୋଚନା କରିବାକୁ ଦୃଢ଼ଦାବି କରିଛି ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

# ଅବହେଳିତ ସାମାଜିକ କ୍ଷେତ୍ର



**ଭାରତ ଭୂଷଣ ନାୟକ, ସାଙ୍ଗଠନିକ ସମ୍ପାଦକ ,**
**BDLIEA , ଭୁବନେଶ୍ୱର**

ସାମାଜିକ କ୍ଷେତ୍ରର ବିକାଶ ତଥା ସମାଜ କଲ୍ୟାଣ ପାଇଁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଯାହାକି ସମ୍ବିଧାନ ସମ୍ମତ । ମାତ୍ର ମୋଦି ସରକାର ନବ୍ୟଉଦାରବାଦୀ ଅର୍ଥନୀତି ଏପରି ଆପଣେଇଛନ୍ତି ଯେ ଗତ ବର୍ଷକ ମଧ୍ୟରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ୧,୭୫,୧୨୨ କୋଟି ଟଙ୍କାର ଖର୍ଚ୍ଚ କାଟ କରିସାରିଲେଣି । ଏହା ସହିତ ଦେଶର ୬୭ ଭାଗ ଲୋକଙ୍କ ପାଇଁ ବ୍ୟବସ୍ଥା ଥିବା ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ନ କରାଇ ୧,୩୦,୦୦୦ କୋଟି ଟଙ୍କା ବ୍ୟୟ ହ୍ରାସ କରିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନରେ କେନ୍ଦ୍ର ସରକାର ୩୬୫୦ କୋଟି ଟଙ୍କା କମେଇ ଦେଇଛନ୍ତି । ଏଡ଼ସ ଏବଂ ଏସ୍.ଟି.ଡ଼ି. ନିରାକରଣ କାର୍ଯ୍ୟକ୍ରମରେ ୩୯୨ କୋଟି ଏବଂ ଆୟୁଷରେ ୬୪ କୋଟି ଟଙ୍କା ହ୍ରାସ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବଜେଟ୍‌ରେ ଏଥର ୬୦୦୦ କୋଟି ଟଙ୍କା କମ କରି ଦିଆଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଦେଶର କୋଟି କୋଟି ଗର୍ଭବତୀ ଏବଂ ଶିଶୁଙ୍କର ସ୍ୱାସ୍ଥ୍ୟର ବିକାଶ ପାଇଁ ଉଦ୍ୟମ କରାଯାଇଥାଏ । ଏଥିରୁ ୯୮୫୮ କୋଟି ଟଙ୍କା କାଟିଦିଆଯାଇଛି । ଏବେ ଦେଶର ସମୁଦାୟ ବଜେଟ୍‌ର ମାତ୍ର ୦.୫ ପ୍ରତିଶତ ଅର୍ଥ ଏହି ବିଭାଗକୁ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ପ୍ରତି ଦିଆଯାଇଥିବାରୁ ସରକାରଙ୍କ ଥିବା ଅଙ୍ଗୀକାର ବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠୁ ବଡ଼ ସମସ୍ୟାଟି ହେଉଛି ଭାରତ ବିଶ୍ୱର ସବୁଠାରୁ ଅଧିକ ପୁଷ୍ଟିହୀନ ଲୋକଙ୍କ ଦେଶ । ଏଠାରେ ୪୬ ପ୍ରତିଶତ ଶିଶୁ ହେଉଛନ୍ତି ପୁଷ୍ଟିହୀନ । ମହିଳାଙ୍କ ଉପରେ ହେଉଥିବା ହିଂସା ବିରୋଧି ଯୋଜନାରେ ମଧ୍ୟ ଖର୍ଚ୍ଚ କାଟ କରାଯାଇଛି । ହିଂସାର ଶିକାର ହେଉଥିବା ନିର୍ଭୟା କେନ୍ଦ୍ରଗୁଡ଼ିକ ୫୫୦ରୁ ଆସି ୩୬ରେ ପହଞ୍ଚିଛି । ଏହି କେନ୍ଦ୍ର ଗୁଡ଼ିକ ପାଇଁ ବଜେଟ୍‌ରେ ୨୦ କୋଟି ଟଙ୍କା ଦିଆଯାଇଥିଲା । ଏବେ ତାହା ୨କୋଟିରେ ପହଞ୍ଚିଛି । ସେହିଭଳି ଆଦିବାସୀ, ଦଳିତମାନଙ୍କ ପାଇଁ ବଜେଟ୍‌ରେ ଅର୍ଥ କମିବାରେ ଲାଗିଛି । ଦଳିତଙ୍କ ପାଇଁ ଥିବା ସବ୍‌ପ୍ଲାନ୍‌ରେ ୨୮.୫ ପ୍ରତିଶତ ଅର୍ଥ ଓ ଆଦିବାସୀଙ୍କ ସବ୍‌ପ୍ଲାନ୍ ଅର୍ଥ ୨୫ ପ୍ରତିଶତ କମ କରାଯାଇଛି । ପଞ୍ଚାୟତିରାଜ ବିଭାଗରେ ୯୮.୬ ପ୍ରତିଶତ ଅର୍ଥ କାଟି ଦିଆଯାଇଛି । ଆଗରୁ ଏଥିପାଇଁ ୩୩୦୬ କୋଟି ଟଙ୍କା ଦିଆଯାଇଥିବା ବେଳେ ଏଥର ମାତ୍ର ୯୪ କୋଟି ୭୫ ଲକ୍ଷ ଟଙ୍କା ଦିଆଯାଇଛି । ସେହିପରି ପଛୁଆ ଅଞ୍ଚଳ ବିକାଶ ପାଣ୍ଠିକୁ ଅଞ୍ଚଳ ଅଞ୍ଚଳ ମଧ୍ୟରେ ଥିବା ବୈଷମ୍ୟ ଦୂର କରିବା ପାଇଁ ତଥା ପଛୁଆ ଅଞ୍ଚଳର ବିକାଶ ଲାଗି ସୃଷ୍ଟି କରାଯାଇଥିଲା ଯାହାକୁ ମୋଦି ସରକାର ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି ।

ମୋଦି ସରକାର ଗତ ଅକ୍ଟୋବର ୨ ତାରିଖରେ ଖୁବ୍ ଆଡ଼ମ୍ବର ସହିତ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଦେଲେ । କିନ୍ତୁ ଏବେ ଦେଖାଗଲାଣି ଯେ କେବଳ ପରିମଳ ନୁହେଁ ଏହା ସହିତ ସ୍ୱଚ୍ଛ ପିଇବା ପାଣି ଯୋଗାଣ ଖର୍ଚ୍ଚରୁ ମଧ୍ୟ ବଜେଟ୍‌ରେ ୯ ହଜାର ୨୫ କୋଟି ଟଙ୍କା କାଟିଦିଆଯାଇଛି । ମୋଦି ସରକାର ମଧ୍ୟ ଘୋଷଣା କରିଛି ଯେ ପୂର୍ବରୁ କେନ୍ଦ୍ର ସରକାର ଶିକ୍ଷାର ବିକାଶ ପାଇଁ ଯେଉଁ ଅର୍ଥ ଦେଉଥିଲେ ତାହା ଏବେ ରାଜ୍ୟ ସରକାର ଦେବ । ଏବେ ସର୍ବଶିକ୍ଷା ଅଭିଯାନର ୯୦ ଭାଗ ଅର୍ଥ ପ୍ରାରମ୍ଭିକ ଶିକ୍ଷା କୋଷରୁ ଖର୍ଚ୍ଚ କରାଯିବ। କେବଳ ୧୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାରଙ୍କ ଯୋଜନା ବ୍ୟୟରୁ ଆସିବ ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଯେତେଗୁଡ଼ିଏ ସାମାଜିକ ସୁରକ୍ଷା ଯୋଜନା ଅଛି ସେଥିରୁ କୌଣସି ଗୋଟିଏ ମଧ୍ୟ ଲୋକଙ୍କ ଅଧିକାର ଆଧାରିତ ଯୋଜନା ନୁହେଁ । ଯଦି ଜଣେ ଶ୍ରମିକ ପାଖରେ କାମ ନ ରହିବ ତେବେ ସେ ରୋଜଗାର କରିପାରିବ ନାହିଁ ଏବଂ ଅର୍ଥାଭାବରୁ କେନ୍ଦ୍ର ସରକାରଙ୍କ ଜନଧନ ଯୋଜନାରେ କିଛି ବି ଫାଇଦା ପାଇବନି । ସେଇଭଳି ପ୍ରଧାନମନ୍ତ୍ରୀଙ୍କ ବୀମା ଯୋଜନାରେ ଯଦି ଗରିବ ଲୋକ ଆଗତୁରା ପ୍ରିମିୟମ ନ ଭରିବେ ତେବେ ଏଇ ବୀମା ଯୋଜନାରୁ କିଛି ବି ପାଇବେ ନାହିଁ । ସରକାରଙ୍କ ଯୁକ୍ତି ହେଉଛି ସାଧାରଣ ଲୋକଙ୍କ କଲ୍ୟାଣ କ୍ଷେତ୍ରରେ ସେମାନଙ୍କର ଭୂମିକା ହେଉଛି ନଗଣ୍ୟ ଯାହାକି ସରକାରଙ୍କ ପୁଞ୍ଜିପତି ତୋଷଣ ନୀତି ଯଦିଓ ଏହା ଆମ ସମ୍ବିଧାନର ପରିପନ୍ଥୀ ।

ଏସବୁ କରିବା ପଛରେ ଏକ ଧାରଣା ସୃଷ୍ଟି କରାଯାଉଛି ଯେ ମୋଦି କେବଳ ଅର୍ଥ ବଞ୍ଚାଇବା ପାଇଁ ଏପରି କରୁଛନ୍ତି । କିନ୍ତୁ ବାସ୍ତବ କଥାଟି ହେଉଛି ସାମାଜିକ କଲ୍ୟାଣ, ସାମାଜିକ ସୁରକ୍ଷାର ପରିଭାଷାକୁ ବଦଳାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି । ଯେଉଁଥିରେ ଭାରତର ଗରୀବ ଲୋକଙ୍କ ଅଧିକାର ଓ ସମ୍ମାନକୁ ଭୁଲୁଣ୍ଠିତ କରି ଲକ୍ଷ ଲକ୍ଷ ନୀରିହ ଗରିବ ଜନତାଙ୍କୁ ରଣଯନ୍ତାରେ ପକାଇ ଦିଆଯିବ, ସେମାନଙ୍କ ପ୍ରକୃତ ଆୟକୁ କମାଇଦିଆଯିବ ଏବଂ ସେମାନଙ୍କୁ ଅଧିକରୁ ଅଧିକ ସରକାରଙ୍କ ହାତଟେକା ଦାନ ଉପରେ ନିର୍ଭରଶୀଳ ହୋଇ ରହିବାକୁ ବାଧ୍ୟ କରାଯିବ । ଏହା ଦ୍ୱାରା ଅଧିକ ଦାଦନ ସୃଷ୍ଟି ହେବେ, ଚାଷୀ ହତାଶ ହୋଇ ଆତ୍ମହତ୍ୟା କରିବ, ବେକାରୀ ବୃଦ୍ଧି ପାଇବ । ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାରୁ ସାଧାରଣ ଜନତା ବଞ୍ଚିତ ହେବେ । ଏହା ଏକ ବିପଦଜନକ ବ୍ୟବସ୍ଥା ।

❖❖❖

**୩ୟ ପୃଷ୍ଠାର ଅବଶିଷ୍ଟାଂଶ**

ଅସମ୍ଭବ ପ୍ରାୟ ମନେ ହେଉଥିବା ମଜୁରୀ ସଂଶୋଧନ ହାସଲ କରି AIIEA ସାଫଲ୍ୟର ଇତିହାସକୁ ଦୋହରାଇ ପାରିଛି । ଏଇଥରର ମଜୁରୀ ବୃଦ୍ଧିରେ ଯାହା ଲାଭବାନ ହୋଇଛେ ତାହା କର୍ତ୍ତୃପକ୍ଷ ତାଙ୍କ ଅନିଚ୍ଛା ସତ୍ତ୍ୱେ ରାଜି ହେବାକୁ ବାଧ୍ୟ ହୋଇଛନ୍ତି । ଏକ ଶ୍ରେଣୀ ବିଭକ୍ତ ସମାଜରେ ଶ୍ରମିକ ଶ୍ରେଣୀ ଦ୍ୱାରା ହାସଲ ସୁବିଧା ସୁଯୋଗ କେବେହେଲେ ନିରାପଦ ନୁହେଁ ବୋଲି AIIEA ବିଚାର କରେ । ତେଣୁ ଅର୍ଜିତ ସୁଖ ସୁବିଧାର ସୁରକ୍ଷା ନିମନ୍ତେ ସଦା ସତର୍କ ରହିବା ସହିତ ଅତନ୍ଦ୍ର ପ୍ରହରୀ ସାଜିବା ଆବଶ୍ୟକ । ଏଣୁ AIIEAକୁ ଆହୁରି ସଶକ୍ତ ଓ ସୁଦୃଢ଼ କରିବା ହେଉଛି ବର୍ତ୍ତମାନର ଆବଶ୍ୟକତା, କାରଣ କେବଳ ଏହାହିଁ ଆମର ଅଧିକାର ଓ ସୁବିଧା ସୁଯୋଗର ସୁରକ୍ଷା କବଚ ସାବିତ ହେବ। ଆମର ପ୍ରିୟ ଅନୁଷ୍ଠାନ LIC ର ସମସ୍ତ ପ୍ରକାର ସୁରକ୍ଷା ପାଇଁ, ପ୍ରତ୍ୟେକ ନିଜର ସାଧ୍ୟମତେ ଶକ୍ତି ବିନିଯୋଗ କରିବା ଆବଶ୍ୟକ । ଉନ୍ନତ ସେବା ପ୍ରଦାନରେ ସମସ୍ତ ବର୍ଗର କର୍ମଚାରୀ ବ୍ରତୀ ହେବା ସହିତ ବୀମାଧାରୀଙ୍କ ସହ ଉତ୍ତମ ସମ୍ପର୍କ ପ୍ରତିଷ୍ଠା କରିବାରେ AIIEA ସର୍ବଦା ତତ୍ପର । ଆମ ସଂସ୍ଥାର ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ କ୍ଷେତ୍ର କର୍ମଚାରୀ ବନ୍ଧୁମାନଙ୍କୁ ସହଯୋଗର ହାତ ବଢ଼ାଇବାର ଆବଶ୍ୟକତା ରହିଛି ।

ଏକ ଚମତ୍କାର ମଜୁରୀ ସଂଶୋଧନ ପରିପ୍ରେକ୍ଷୀରେ Insurance Worker ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଉଛି ଓ ଅର୍ଜିତ ସୁଖ-ସୁବିଧାର ସୁରକ୍ଷା ପାଇଁ ସଦା ସତର୍କ ରହିବା ତଥା ସଙ୍ଗଠନକୁ ଅଧିକରୁ ଅଧିକ ଶକ୍ତିଶାଳୀ କରିବା ପାଇଁ AIIEA ପୁନର୍ବାର ନିବେଦନ ରଖୁଛି ।

❖❖❖



# ଏକତା ଓ ଐକ୍ୟବଦ୍ଧ ସଂଗ୍ରାମ ବଳରେ ଫାଶିବାଦର ବିପଦକୁ ପ୍ରତିହତ କରିବା ସମ୍ଭବ ।

**ଏନ୍.ଏମ୍.ସୁନ୍ଦରମ୍, ପୂର୍ବତନ ସଭାପତି, AIIEA**

(୧୮ ସେପ୍ଟେମ୍ବର ୨୦୧୫ । ଭଦ୍ରକ ଡି.ଆର୍.ଡ଼ି.ଏ ପ୍ରେକ୍ଷାଗୃହ । ସି.ଡ଼ି.ଆଇ.ଇ.ଏ.ର ୫୯ତମ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ବୀମା କର୍ମଚାରୀ ଆନ୍ଦୋଳନର ପ୍ରବାଦ ପ୍ରତିମ ନେତା ଏ.ଆଇ.ଆଇ.ଇ.ଏ.ର ପୂର୍ବତନ ସଭାପତି ଏନ୍.ଏମ୍.ସୁନ୍ଦରମ୍ । ସମ୍ମିଳନୀର ଖୋଲା ଅଧିବେଶନର ମୁଖ୍ୟ ବକ୍ତା ମଧ ଥିଲେ ସୁନ୍ଦରମ୍ । ଏହି ଦୁଇଟି ଅଧିବେଶନ୍‌ରେ ସୁନ୍ଦରମ୍‌ଙ୍କର ଅଭିଭାଷଣ ଥିଲା ଅତି ଶିକ୍ଷଣୀୟ ଓ ଉପାଦେୟ । ''ବୀମା କର୍ମଚାରୀ'' ପାଠକମାନଙ୍କର ଅବଗତି ନିମନ୍ତେ ଏହି ଦୁଇଟି ଅଭିଭାଷଣର ମର୍ମାର୍ଥ ଉପସ୍ଥାପନ କରିଛନ୍ତି **CDIEAର ପୂର୍ବତନ ସଭାପତି ସାଥୀ ରବିନାରାୟଣ ମଲ୍ଲିକ୍** )

**ଉଦ୍‌ଘାଟନୀ ଅଭିଭାଷଣ**

ମୁଁ ଜୀବନର ସାୟାହ୍ନରେ ଉପନୀତ । ମାତ୍ର ଏପରି ସମ୍ମିଳନୀକୁ ଆସିଥିଲେ ବହୁତ ଆନନ୍ଦ ମିଳେ । ବଞ୍ଚିବା ପାଇଁ ଅମ୍ଳଜାନ ମିଳେ । ଆପଣମାନେ ହିଁ ଭବିଷ୍ୟତ । ଆପଣମାନଙ୍କୁ ହିଁ ପରିସ୍ଥିତିକୁ ବୁଝିବାକୁ ପଡ଼ିବ । ମୁକାବିଲା କରିବାକୁ ପଡ଼ିବ ।

ଆଜି ଏକ ଫାଶିବାଦୀ ଶକ୍ତି ଭାରତରେ କ୍ଷମତାସୀନ । ୨୦୦୨ ଗୁଜରାଟ ନରସଂହାରର ନାୟକ ଆଜି ଦିଲ୍ଲୀରେ ଶାସନାରୂଢ଼ । ଲୋକେ ଉପା ସରକାରର ଅପାରଗତା ଓ ଦୁର୍ନୀତିରେ ଅତିଷ୍ଠ ହୋଇ ମୋଦିଙ୍କୁ ନିର୍ବାଚିତ କଲେ । ଏବେ କିନ୍ତୁ ଆମ୍ଭେମାନେ କ'ଣ ଦେଖୁଛୁ ? ମୋଦି ତାଙ୍କର ନିର୍ବାଚନ ପ୍ରତିଶୃତି ପୂରଣ କରିବା ତ ଦୂରର କଥା, ପ୍ରତି ମୁହୂର୍ତ୍ତରେ ଲୋକଙ୍କର ଜୀବନ ଜୀବିକା, ଅଧିକାର ଉପରେ ଆକ୍ରମଣ କରି ଚାଲିଛନ୍ତି ।

କେବଳ ସେତିକି ନୁହେଁ । ଗଣତନ୍ତ୍ର, ସ୍ୱାଧୀନତା ସବୁ କିଛି ଆଜି ଭୟଙ୍କର ଆକ୍ରମଣର ସମ୍ମୁଖୀନ । ସଂପ୍ରତି ବିଖ୍ୟାତ ଶିକ୍ଷାବିତ୍ ହେତୁବାଦୀ କାଲବୁର୍ଗୀଙ୍କୁ ହତ୍ୟା କରାଯାଇଛି । ଠିକ୍ ଯେପରି ହତ୍ୟା କରାଯାଇଥିଲା ହେତୁବାଦୀ ନରେନ୍ଦ୍ର ଡାଭୋଲକର ଓ ସି.ପି.ଆଇ ନେତା ପାନ୍‌ସାରେଙ୍କୁ । ଏପରି ଜଘନ୍ୟ ହତ୍ୟା କେଉଁମାନେ ସଙ୍ଗଠିତ କରୁଛନ୍ତି ତାହା ଅଛପା ନାହିଁ । କାହିଁକି କରୁଛନ୍ତି ସେ କଥା ଆମକୁ ବୁଝିବାକୁ ପଡ଼ିବ । ସେମାନେ ଚାହାଁନ୍ତି ଯୁକ୍ତିବାଦକୁ ଖତମ କରିବା । ବୈଜ୍ଞାନିକ ଚିନ୍ତା ଚେତନାକୁ ଧ୍ୱଂସ କରିବା । ଜଣକର ଈଶ୍ୱରଙ୍କୁ ବିଶ୍ୱାସ କରିବାର ଅଧିକାର ରହିଛି । ଠିକ୍ ସେହିପରି ଜଣକର କୌଣସି ଈଶ୍ୱରଙ୍କୁ ବିଶ୍ୱାସ ନ କରିବାର ମଧ ଅଧିକାର ରହିଛି । ଜଣେ କାହିଁକି ନିଜର ମତକୁ /ବିଶ୍ୱାସକୁ ଅନ୍ୟ ଉପରେ ଲଦି ଦେବ ? ଯଦି ନ ମାନିଲା ତେବେ ତାକୁ ହତ୍ୟା କରିବ ? ହେତୁବାଦୀଙ୍କର ସବୁ କଥା ସହ ଜଣେ ଏକମତ ନ ହୋଇପାରେ । ମାତ୍ର ହେତୁବାଦୀମାନଙ୍କର ନିଜସ୍ୱ ମତ ବା ବିଶ୍ୱାସକୁ ପୋଷଣ କରିବା ଓ ପ୍ରଚାର କରିବାର ଅଧିକାର ରହିବ ନାଁ ନାହିଁ ? ତାହାହିଁ ମୂଳ ପ୍ରଶ୍ନ ।

ରକ୍ ବେଦରେ 'ନାସଦୀୟା' ନାମକ ଏକ ଅଧ୍ୟାୟ ଅଛି । ସେହି ତତ୍ତ୍ୱ ହେଉଛି ନେତିବାଦ ବା ନିହିଲିଜମ୍ । ନେତିବାଦର କଥା ହେଉଛି ପ୍ରଥମେ କିଛି ନ ଥିଲା । 'କିଛି' ଆସିଲା କିପରି ? ନେତିବାଦ ପ୍ରଶ୍ନ କରେ । ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରେ । ପୃଥିବୀରେ ପ୍ରଥମେ ଜୀବନ ବା ଜୀବ ସତ୍ତା ନ ଥିଲା । ଜୀବସତ୍ତା କିପରି ଆସିଲା ? କିଏ ଆଣିଲା ? ସୂର୍ଯ୍ୟ ଚନ୍ଦ୍ର କିପରି ସୃଷ୍ଟି ହେଲା ? କିଏ ସୃଷ୍ଟି କଲା ? ସୂର୍ଯ୍ୟ ଦେଖା ଦେବା ସମୟରେ ଚନ୍ଦ୍ର କାହିଁକି ଦେଖାଯାଉ ନାହିଁ ? ଚନ୍ଦ୍ର ଦେଖା ଦେବା ସମୟରେ ସୂର୍ଯ୍ୟ କାହିଁକି ଲୁଚି ଯାଉଛି ? ଜୀବନ ଜଳରେ ସୃଷ୍ଟି ହେଲା ସତ । ପ୍ରଥମେ ଆମିବା, ତା'ପରେ ଏକ କୋଷି ପ୍ରାଣୀ ଓ ତା'ପରେ ଏକ କୋଷି ପ୍ରାଣୀ ବହୁଗୁଣିତ ହୋଇ ଆସିଲା ବହୁକୋଷି ପ୍ରାଣୀ । ଏସବୁ ହେଲା କିପରି ? କଲା କିଏ ? ସେତେବେଳେ ତ ଭଗବାନ ନ ଥିଲେ । କାରଣ ଭଗବାନଙ୍କ ଅବଧାରଣା ବହୁ ପରେ ଆସିଛି । ସେତେବେଳେ ବନ୍ୟା ହେଉଥିଲା । ପ୍ରଳୟ ହେଉଥିଲା । ବାତ୍ୟା ହେଉଥିଲା । ବଜ୍ରପାତ ହେଉଥିଲା, ଲୋକେ ଏଥିରେ ଭୟଭୀତ ହୋଇ ପଡୁଥିଲେ । ଲୋକେ ଏହାର କାରଣ ଜାଣି ପାରୁ ନ ଥିଲେ । ସେଇ କଥା ରକ୍ ବେଦରେ ରହିଛି ପ୍ରଶ୍ନ ଆକାରରେ । ଏସବୁ ପଞ୍ଚଭୂତ – ଜଳ, ଅଗ୍ନି, ବାୟୁ, ପୃଥିବୀ ଓ ଆଲୋକ ବିଷୟ କିଏ ଜାଣିଥିଲା ? ଭଗବାନ କ'ଣ ଜାଣିଥିଲେ ? ଭଗବାନ ଜାଣିବେ ବା କିପରି ? ସେତ ଆସିଲେ ଏସବୁ ପ୍ରାକୃତିକ ପ୍ରକ୍ରିୟା ଘଟିବାର ବହୁ ପରେ ! ଆମିବା, ଜୀବସତ୍ତା ସୃଷ୍ଟି ହେବା ବହୁ ପରେ ! ତେଣୁ ଜଣେ ରକ୍ ବେଦର ଏସବୁ କଥାକୁ ଗ୍ରହଣ ନ କରି କେବଳ ନିଜକୁ ସୁହାଇଲା ପରି କିଛି କଥାକୁ ଗ୍ରହଣ କରିବ କିପରି ?

ଆମ ପ୍ରତ୍ୟେକଙ୍କର ଜନ୍ମ ଓ ଜୀବନ ଏକ ସଂଯୋଗ (Accident) ମାତ୍ର । ଆମେ ଯିଏ ଯେଉଁ ଧର୍ମ, ଜାତି, ଧନୀ ନିର୍ଦ୍ଧନ ପରିବାରରେ ଜନ୍ମ ନେଇଛୁ ତାହା ଆମେ ସ୍ଥିର କରିନାହୁଁ । ମଣିଷ ପ୍ରକୃତିର ସର୍ବଶ୍ରେଷ୍ଠ କୃତି । ଆମେ ସମସ୍ତେ 'ଦଶାବତାର' ବିଷୟ ଜାଣିଛୁ । 'ଦଶାବତାର'ର ଦଶଟି ଅବତାର ମଣିଷର ବିବର୍ତ୍ତନର ପ୍ରତିଛବି ବହନ କରେ । ମାତ୍ର ଏହି 'ଦଶାବତାର'ର ଚିତ୍ର ଉତ୍ତର ଓ ଦକ୍ଷିଣ ଭାରତରେ ଭିନ୍ନ । ଉତ୍ତର ଭାରତରେ ଦଶାବତାର ମଧରେ ବୁଦ୍ଧ ଅଛନ୍ତି । ବୁଦ୍ଧ ହେଉଛନ୍ତି ହେତୁବାଦର ପ୍ରତୀକ । ଦକ୍ଷିଣ ଭାରତରେ ଦଶାବତାର ମଧରେ ଅଛନ୍ତି ବଳରାମ । ଏ ଦୁଇଟା ମଧରୁ କେଉଁଟା ଠିକ୍ କେଉଁଟା ଭୁଲ? ଏକଥା କିଏ ସ୍ଥିର କରିବ ? ହେତୁବାଦୀଙ୍କୁ ହତ୍ୟା କରାଯାଉଛି । ଏକଥା କେଉଁ ଧର୍ମ କହିଛି ? ଭିନ୍ନ ବିଶ୍ୱାସର ଲୋକଙ୍କୁ ଘୃଣା କରିବାଠାରୁ ଆଉ କ'ଣ ବଡ଼ ଅପରାଧ ରହିଛି ?

ଆମକୁ ଭୟ ପରିହାର କରି ଏସବୁ ଚାଲେଞ୍ଜ୍‌ର ମୁକାବିଲା କରିବାକୁ ପଡ଼ିବ। ଆମେ ଭୟ ତ୍ୟାଗ ନ କରିବା ପର୍ଯ୍ୟନ୍ତ ଭୟ ଆମକୁ ଛାଡ଼ିବ ନାହିଁ ।

ଆମର ମଜୁରୀ ସଂଶୋଧନ ଦାବୀ ରହିଛି । ବ୍ୟାଙ୍କ୍ କ୍ଷେତ୍ରରେ ସ୍ୱାକ୍ଷରିତ ମଜୁରୀ ରାଜିନାମା ଫଳରେ ଆମ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏ ପ୍ରତିବନ୍ଧକକୁ ଆମକୁ ମୁକାବିଲା କରିବାକୁ ହେବ । ପ୍ରତିହତ କରିବାକୁ ହେବ । ଉନ୍ନତ ମଜୁରୀ ସଂଶୋଧନ ଆମର ହକ୍ ପ୍ରାପ୍ୟ । ଏହା କେତେ ଉନ୍ନତ ହେବ ନିର୍ଭର କରୁଛି ଆମର ସଂଗ୍ରାମ ଉପରେ ।

ଘରୋଇକରଣ ପ୍ରଶ୍ନରେ ମନମୋହନ ସିଂହ ଓ ନରେନ୍ଦ୍ର ମୋଦିଙ୍କ ମଧରେ କୌଣସି ତଫାତ୍ ନାହିଁ । ଚିଦାମ୍ବରମ୍ ଓ ଜେଟ୍‌ଲିଙ୍କ ମଧରେ କୌଣସି ତଫାତ୍ ନାହିଁ । ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଲକ୍ଷ ଲକ୍ଷ କୋଟି ଟଙ୍କା ଅନାଦାୟ ଋଣ ବଡ଼ ବଡ଼ କର୍ପୋରେଟସ୍‌ମାନଙ୍କ ଉପରେ ପଡ଼ି ରହିଛି । ଏହି କର୍ପୋରେଟ୍‌ସ୍‌ମାନଙ୍କ ହାତକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଟେକି ଦେବାର ଉଦ୍ୟମ ଚାଲିଛି । ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ନେହେରୁ, ଗାନ୍ଧୀଙ୍କଠାରୁ ପଟେଲଙ୍କୁ ବଡ଼ ନେତା ବୋଲି ଚିତ୍ରଣ କରାଯାଉଛି । ଏବେ ଗୁଜରାଟରେ ହାର୍ଦ୍ଦିକ ପଟେଲଙ୍କ ନେତୃତ୍ୱରେ ପଟେଲ୍ ସଂପ୍ରଦାୟକୁ ସଂରକ୍ଷଣ ଦେବା ପାଇଁ ଚାଲିଥିବା ଆନ୍ଦୋଳନ ପଛରେ କୌଣସି ସମୂହ ସ୍ୱାର୍ଥ ନାହିଁ । ରହିଛି ଲୋକଙ୍କୁ ବିଭାଜନ କରିବାର ଉଦ୍ଦେଶ୍ୟ ।

ଲୋକଙ୍କର ବ୍ୟାପକ ପ୍ରତିବାଦ ଏବଂ ଆସନ୍ନ ବିହାର ନିର୍ବାଚନ ଦୃଷ୍ଟିରୁ ଜମି ଅଧିଗ୍ରହଣ ଆଇନ୍‌କୁ ମୋଦି ସରକାର ସ୍ଥଗିତ ରଖିଛି । ମାତ୍ର ଜେଟ୍‌ଲି କହୁଛନ୍ତି ଏହି ଆଇନ ପୁଣି ଆଣିବେ । ଘରୋଇକରଣ ଉଦ୍ୟମ ଆହୁରି ଜୋର୍‌ଦାର ହେବ । ଜେଟ୍‌ଲି ନିଜେ ଲୋକସଭା ନିର୍ବାଚନରେ ହାରି ରାଜ୍ୟସଭାରୁ ଯାଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ହୋଇଛନ୍ତି । ଅଥଚ ନିର୍ଲଜ୍ଜ ଭାବେ କହୁଛନ୍ତି ଯେ ପରୋକ୍ଷ ଭାବେ ନିର୍ବାଚିତ ରାଜ୍ୟ ସଭା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଲୋକସଭାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ।

ଏବେ ଗାନ୍ଧିଜୀଙ୍କର ଗୁଜରାଟ ଶିଳ୍ପପତି ଅଦାନୀଙ୍କ ଗୁଜରାଟରେ ପରିଣତ ହୋଇଛି । ଆଜି ଭାରତର ପରିସ୍ଥିତି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ପରିସ୍ଥିତି ସହିତ ତୁଳନୀୟ । ଆଡ଼ଲଫ୍ ହିଟଲର୍‌ଙ୍କର ଆତ୍ମଜୀବନୀ ପୁସ୍ତକ 'ମେନ୍ କାଫ୍' ପଢ଼ନ୍ତୁ । ଏହା ଭଲ ଭାବେ ବୁଝି ହେବ । ହିଟଲର ଯେପରି ଜର୍ମାନୀମାନେ ନିର୍ଯ୍ୟାତିତ ଓ ଅବହେଳିତ ବୋଲି ମିଥ୍ୟା ଦ୍ୱାହି ଦେଇ ଇହୁଦିଙ୍କ ଉପରେ ଆକ୍ରମଣ କରିଥିଲା ଆଜି ଠିକ୍ ସେହି କାଇଦାରେ ମୋଦି ସରକାର ସଂଖ୍ୟାଲଘୁଙ୍କ ଉପରେ ଏବଂ ଗଣତାନ୍ତ୍ରିକ, ପ୍ରଗତିଶୀଳ ଶକ୍ତିଙ୍କ ଉପରେ ଆକ୍ରମଣ କରୁଛି । ଲଭଜିହାଦ, ମାଂସ କଟା ଉପରେ ନିଷେଧାଜ୍ଞା ଆଦି ଜରିଆରେ ଲୋକଙ୍କର ଗଣତାନ୍ତ୍ରିକ ଅଧିକାର ଓ ଜୀବନଜୀବିକା ଉପରେ ଆକ୍ରମଣ ଚାଲିଛି । ଏପରି ଭାବେ ଏକ ଯୋଜନାବଦ୍ଧ ସଂଗଠିତ ଅଶୁଭ ଓ ଅନ୍ଧକାରର ଶକ୍ତି  ଭାରତର ଗଗନ ପବନକୁ ଆକ୍ରାନ୍ତ କରି ଚାଲିଛି । ଏପରିକି ଆମେରିକା ରାଷ୍ଟ୍ରପତି ଓବାମାଙ୍କୁ ଭାରତର ସାଂପ୍ରଦାୟିକ ବିଭାଜନକାରୀ ଶକ୍ତି ବିରୁଦ୍ଧରେ କହିବାକୁ ପଡ଼ିଛି ।

ଆମକୁ ଏପ୍ରକାର ବିପଦ ବିରୁଦ୍ଧରେ ଲଢ଼ିବାକୁ ହେବ । ବିପଦକୁ ପ୍ରତିହତ କରିବାକୁ ହେବ । ବିପଦ ପ୍ରତି ଉଦାସୀନ ରହିଲେ ବା ଏହାକୁ ଏଡ଼େଇ ଗଲେ ତାହା ଆତ୍ମଘାତୀ ହେବ । ଆମେ ଏ ବିପଦକୁ ପ୍ରତିହତ କରିପାରିବା । ୧୯୮୯ରେ କାର୍ଲାହିଲସ୍ ଧମକ ଦେଇ କହିଥିଲେ ଭାରତର ବୀମା କ୍ଷେତ୍ରକୁ ଭଲରେ ଭଲରେ ଉନ୍ମୁକ୍ତ କରାନଗଲେ ସେମାନେ ଜୋର୍‌ଜବରଦସ୍ତ ଏହାକୁ ଦଖଲ କରିବେ । ଏହା ସତ୍ତ୍ୱେ ଆମେ ଆମର ସଂଗ୍ରାମ ଫଳରେ ଦୀର୍ଘ ୨୬ ବର୍ଷ ଧରି ଏ ଧମକକୁ ପ୍ରତିହତ କରି ପାରିଛୁ । ଏବେ ମଧ୍ୟ ପାରିବୁ । କାରଣ ଆମର ସଂଗ୍ରାମ ଗଣତନ୍ତ୍ର ପାଇଁ । ଅଧିକ ଉନ୍ନତ ଗଣତନ୍ତ୍ର ପାଇଁ ।

## ଖୋଲା ଅଧିବେଶନର ଅଭିଭାଷଣ

ଆଜିର ବିଶାଳ ପଟୁଆର ଦେଖି ମୁଁ ବିଶେଷ ଭାବେ ଅଭିଭୂତ ହୋଇଛି । ବିଶେଷ କରି ଅସଂଗଠିତ କ୍ଷେତ୍ରର ବିପୁଳ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରମିକଙ୍କର ଅଂଶଗ୍ରହଣ ମୋତେ ଅଭିଭୂତ କରିଛି । ସେମାନେ ଏକତାର ମହତ୍ତ୍ୱ ବୁଝିଛନ୍ତି । ଆମକୁ ଏଥିରୁ ଶିକ୍ଷା ନେବାକୁ ହେବ । ପ୍ରତିଦାନରେ ସେମାନଙ୍କର ଆନ୍ଦୋଳନ ସଂଗ୍ରାମ ପ୍ରତି ଅନୁରୂପ ସଂହତି ପ୍ରଦର୍ଶନ କରିବାକୁ ହେବ । ସେମାନଙ୍କର ଅସୁବିଧା ଓ ସମସ୍ୟା ବୁଝିବାକୁ ପଡ଼ିବ । ସେମାନଙ୍କର ଦୁର୍ଦ୍ଦଶାରେ ସମଭାଗୀ ହେବାକୁ ପଡ଼ିବ ।

ଆଜି ଭାରତରେ ଏକ ଅତି ଅଗଣତାନ୍ତ୍ରିକ ସରକାର କ୍ଷମତାସୀନ । ସେମାନଙ୍କର ଏପରି ଅଗଣତାନ୍ତ୍ରିକ ଚରିତ୍ର ବିଷୟ ନିର୍ବାଚନ ପୂର୍ବରୁ ଆମକୁ ଜଣାଥିଲା । ମାତ୍ର ଅନେକଙ୍କୁ ଜଣା ନ ଥିଲା । ମୋଦି ମହାଶୟ ତାଙ୍କ ଦଳ ଭିତରେ ବସ୍ତୁତଃ ଏକ ବିଦ୍ରୋହ (coup de etat) କରି ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ହେଲେ । ଆଡ଼ଭାଣି ଓ ସୁଷମା ସ୍ୱରାଜଙ୍କ ପରି ବରିଷ୍ଠ ନେତାମାନଙ୍କୁ ପଛକୁ ଠେଲି ଦିଆଗଲା । ହଠାତ୍ ଝଡ଼ ପରି ମୋଦି ଆସିଲେ ଓ ଉପରକୁ ଉଠିଗଲେ । ଏପରି ଘଟଣା ବିଲାତରେ ଘଟେ । ମାତ୍ର ଭାରତରେ କେବେ ଘଟି ନ ଥିଲା । ପ୍ରଥମ ଥର ପାଇଁ ଘଟିଲା । ଆମ୍ଭେମାନେ ବିବ୍ରତ ହୋଇଥିଲୁ । କାରଣ ଏକ ଗଣ ନରସଂହାରର ରେକର୍ଡ଼ ନେଇ ମୋଦି ଆସିଲେ ।

ଏ.ଆଇ.ଆଇ.ଇ.ଏ. ଆମକୁ ମଣିଷଙ୍କୁ ଭଲ ପାଇବାକୁ ଶିଖାଇଛି । ଜଣକର ଧର୍ମୀୟ ବିଶ୍ୱାସ ଯାହା ହେଉନା କାହିଁକି, ଜାତି, ଭାଷା, ଅଞ୍ଚଳ ଯାହା ହେଉନା କାହିଁକି ସବୁ ମଣିଷଙ୍କୁ ଭଲ ପାଇବାକୁ ଏ.ଆଇ.ଆଇ.ଇ.ଏ. ଶିଖାଇଛି । ମୋଦି ସରକାର ଘୃଣା ଓ ହିଂସା ବିଦ୍ୱେଷର ରାଜନୀତି କରିବାକୁ ଚାହୁଁଛନ୍ତି ।

ଏହି ସରକାରରେ ଜଣେ ବ୍ୟକ୍ତି ମୋଦିଙ୍କ ହାତରେ ସମସ୍ତ କ୍ଷମତା ଠୁଳ ହୋଇ ଚାଲିଛି । ଅର୍ଥ ହେଉଛି ଗଣତନ୍ତ୍ରର ହତ୍ୟା ପର୍ବର ଅୟମାରମ୍ଭ । ଜର୍ମାନ୍ ନାଜି ପାର୍ଟିରେ ଠିକ୍ ଏଇଆ ଘଟିଥିଲା । ମୋଦିଙ୍କ ଶାସନରେ ଆଜିର ପରିସ୍ଥିତି ତା'ଠାରୁ ବିଶେଷ ଭିନ୍ନ ନୁହେଁ । ଜଣକର ଜାତି ବା ଧର୍ମ ସେ ନିଜେ ସ୍ଥିର କରିନାହିଁ । ଏହା ଏକ ସଂଯୋଗ ଘଟଣା (accidental phenomenon) । ଜଣେ କୌଣସି ଧନୀ ବା ଗରିବ ପରିବାରରେ ଜନ୍ମ ହେବା ଠିକ୍ ସେହିପରି ଏକ ସଂଯୋଗର ଘଟଣା । ଅନେକେ କୁହନ୍ତି ଏହା ପୂର୍ବଜନ୍ମର ଫଳ । ଏପରି ଯୁକ୍ତିର କୌଣସି ବାସ୍ତବତା ନାହିଁ । ମଣିଷର ସ୍ୱାଭାବିକ ଚେତନା କେବେହେଲେ ମଣିଷ ମଣିଷ ମଧ୍ୟରେ ବିଭାଜନ ଚାହେଁ ନାହିଁ ।

ତାମିଲନାଡୁରେ ଗତ ଶତାବ୍ଦୀର ୬୦/୭୦ ଦଶକରେ ଆମ୍ଭେମାନେ ଦ୍ରାବିଡ଼ ଉଗ୍ରବାଦ ବିରୁଦ୍ଧରେ ଲଢ଼ିଛୁ । ସେହି ଉଗ୍ରବାଦୀମାନେ ଉତ୍ତର ଭାରତୀୟଙ୍କ ବିରୁଦ୍ଧରେ ଘୃଣା ଓ ହିଂସାର ରାଜନୀତି ଚଳାଉଥିଲେ । ଦକ୍ଷିଣ ଭାରତର ଚାରୋଟି ରାଜ୍ୟ କେରଳ, ଆନ୍ଧ୍ର, କର୍ଣ୍ଣାଟକ ଓ ତାମିଲନାଡୁର ଲୋକଙ୍କୁ ମତାଉଥିଲେ । ଅଣତାମିଲମାନଙ୍କ ଉପରେ ଆକ୍ରମଣ କରୁଥିଲେ । ଆମ ସଙ୍ଗଠନ ଏହି ଅଶୁଭ ଶକ୍ତିଙ୍କ ବିରୁଦ୍ଧରେ ଲଢ଼ିଥିଲା । ଶ୍ରମଜୀବୀ ଲୋକଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିଲା । ଗତ କେଇ ଦିନ 'ହିନ୍ଦୁ' ସମ୍ବାଦପତ୍ରରେ ପ୍ରକାଶିତ ଏକ ଲେଖାରେ ମୁସଲମାନଙ୍କ ବିରୁଦ୍ଧରେ କିପରି ଉସ୍‌କାନୀମୂଳକ ପ୍ରଚାର ଚାଲିଛି ତାହା ଦର୍ଶାଯାଇଛି । ଏହି ବିପଦକୁ ବୁଝିବାକୁ ହେବ । ସଂଖ୍ୟା ଗରିଷ୍ଠ ସାମ୍ପ୍ରଦାୟିକତା ଫାଶିବାଦକୁ ଜନ୍ମ ଦିଏ ଏବଂ ସଂଘ୍ୟାଲଘୁ ସାମ୍ପ୍ରଦାୟିକତା ସନ୍ତ୍ରାସବାଦକୁ ଜନ୍ମ ଦିଏ । ଏହାହିଁ ଇତିହାସର ଶିକ୍ଷା । ଜର୍ମାନୀରେ ଏହାହିଁ ଘଟିଥିଲା । ମୋଦିଙ୍କର 'ମନ କି ବାତ୍' ମନ ଦେଇ ଶୁଣିଲେ ଏକଥା ବୁଝି ହେବ ।

୨୦୦୨ରେ ଗୁଜରାଟରେ ଯେଉଁ ନରସଂହାର ଘଟିଲା ସେ ବିଷୟ ମୁଁ କେବଳ ଖବରକାଗଜରେ ପଢ଼ି ନାହିଁ । ନିଜେ ଅହମଦାବାଦରେ ପ୍ରତ୍ୟକ୍ଷ କରିଛି । ପ୍ରାୟ ୨୦୦୦ ମୁସଲମାନଙ୍କୁ ହତ୍ୟା କରାଗଲା । ଏହି ନରସଂହାର ଲୀଳାର ଅଧକ୍ଷ ଥିଲେ ମୋଦି । ଏହସାନ ଜାଫ୍‌ରିଙ୍କ ସ୍ତ୍ରୀ ଜାକିଆ ଜାଫ୍‌ରି ତାଙ୍କର ଗୃହଦାହ ଓ ପତିଙ୍କର ଆସନ୍ନ ହତ୍ୟାରୁ ବଞ୍ଚିବା ପାଇଁ ଆକୁଳ ଚିତ୍ତରେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ କାର୍ଯ୍ୟାଳୟକୁ ଫୋନ୍ କରୁଥାଆନ୍ତି । ତାଙ୍କର ଫୋନ୍ କଲ୍‌କୁ କେହି ଶୁଣୁ ନ ଥାଆନ୍ତି । ଏବେ ବି ସେ ନ୍ୟାୟ ପାଇଁ ଲଢୁଛନ୍ତି । ନାନା ଦମନ, ଧମକ ଓ ନିର୍ଯ୍ୟାତନାର ସାମନା କରୁଛନ୍ତି ।

ଆପଣମାନେ ଓଡ଼ିଶାରେ ଜନ୍ମ ହୋଇଛନ୍ତି । ଏକଥା କ'ଣ ଆପଣ ନିଜେ ସ୍ଥିର କରିଛନ୍ତି । ଆପଣଙ୍କ ଧର୍ମ କ'ଣ ଆପଣଙ୍କୁ ପଚରାଯାଇ ସ୍ଥିର କରାଯାଇଛି । ବି.ଜେ.ପି. ଦଳ ଶାହାନଓ୍ୱାଜ ଖାଁ ଓ ମୁକ୍ତାର ଆବାସ୍ ନକ୍‌ଭି ଦୁଇ ଜଣ ମୁସଲମାନ ନେତାଙ୍କୁ ସୋ କେସ୍‌ରେ ରଖି ନିଜକୁ ଧର୍ମନିରପେକ୍ଷ ଦଳ ବୋଲି ପ୍ରମାଣ କରିବାକୁ ଚାହୁଁଛି । ମାତ୍ର ସେମାନଙ୍କର ଅତୀତ ଓ ବର୍ତ୍ତମାନର ହୀନ କାର୍ଯ୍ୟକଳାପକୁ କ'ଣ ଲୋକେ ଭୁଲି ପାରିବେ ? ଏହାକୁ କଦାପି ଭୁଲି ହେବ ନାହିଁ କିମ୍ବା କ୍ଷମା କରି ହେବ ନାହିଁ । ଏ ପ୍ରଶ୍ନ ଉପରେ କୌଣସି ସାଲିସ୍‌ର ପ୍ରଶ୍ନ ଉଠୁନାହିଁ । ଗଣମାଧ୍ୟମର ଏକ ବଡ଼ ଅଂଶ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ସାଲିସ୍ କରି ପାରେ । ନତଜାନୁ ହୋଇପାରେ । ମାତ୍ର ଜନ ସାଧାରଣଙ୍କ ପକ୍ଷରେ ତାହା ସମ୍ଭବ ନୁହେଁ ।

ମୋଦି ନିଜକୁ ଏକ ଅତିମାନବ ବା ସୁପରମ୍ୟାନ୍ ଭାବେ ପ୍ରତିପାଦନ କରିବାକୁ ଚାହୁଁଛନ୍ତି । ଏହାକୁ ମୁକାବିଲା କରିବାକୁ ହେବ । ପ୍ରତିହତ କରିବାକୁ ହେବ । ଉଗ୍ରଜାତୀୟତାବାଦ ଶ୍ଳୋଗାନ ଦେଇ ମୋଦି ସାମ୍ରାଜ୍ୟବାଦର ପଦଲେହନ କରି ଚାଲିଛନ୍ତି । ଏହାର ମୁଖା ଖୋଲିବାକୁ ପଡ଼ିବ । ଆମେରିକାର ମୋଟ ଋଣର ପରିମାଣ ୧୧ ଲକ୍ଷରୁ ୧୩ ଲକ୍ଷ କୋଟି ଡଲାର । ଆମେରିକା ବଞ୍ଚିଛି ଫେଡ଼େରାଲ୍ ରିଜର୍ଭ (ଆମେରିକାର ରିଜର୍ଭ ବ୍ୟାଙ୍କ୍) ଦ୍ୱାରା ଛପାଯାଉଥିବା ମୁଦ୍ରା ଉପରେ । ଏହା ପଛରେ କୌଣସି ବାସ୍ତବ ସମ୍ପଦ ନାହିଁ । ଏହା କେବଳ କାଗଜ ମୁଦ୍ରା । ୧୯୭୧ ପରଠାରୁ ଡଲାରର ମୂଲ୍ୟ ହ୍ରାସ ପାଇ ଚାଲିଛି । ଅଥଚ ଆମେରିକା କହୁଛି ଏଫ୍.ଡ଼ି.ଆଇ. ଜରିଆରେ ଭାରତକୁ ଉଦ୍ଧାର କରିବ ଏବଂ ମୋଦି ଚାହୁଁଛନ୍ତି ଏହି ଭେଳିକିକୁ ଭାରତବାସୀ ବିଶ୍ୱାସ କରନ୍ତୁ । ଆଉ ଯିଏ ବିଶ୍ୱାସ ନ କଲା ବା ବିରୋଧ କଲା ସେ ମୋଦିଙ୍କ ଭାଷାରେ ଦେଶ ଦ୍ରୋହୀ !

ଆମେରିକାର ବୀମା କମ୍ପାନୀ ବୀମାଧାରୀଙ୍କୁ ଠକିଲା, ବୀମାଧାରୀଙ୍କର ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟ କଲା । ଆମେରିକା କଂଗ୍ରେସ ତାକୁ ଦାଗୀ ଅପରାଧୀ ବା କ୍ରିମିନାଲ୍ ବୋଲି ଆଖ୍ୟା ଦେଲା । ଏହି ଏ.ଆଇ.ଜି. କିପରି ଭାରତକୁ ସାହାଯ୍ୟ କରିବ ? କେବଳ ଜଣେ କ୍ରିମିନାଲ୍ ବା ନିର୍ବୋଧ ହିଁ ଏକଥାକୁ ବିଶ୍ୱାସ କରିବ । ସୁସ୍ଥ ବିବେକ ଓ ବିଚାରଧାରାର କେହି ଏକଥା ବିଶ୍ୱାସ କରିବେ ନାହିଁ ।

ମୋଦି ବୈଦେଶିକ ନୀତି କ୍ଷେତ୍ରରେ ଆମେରିକାର ସବୁ ଦାବୀ ମାନି ନେଉଛନ୍ତି । ଦେଶ ଭିତରେ କର୍ପୋରେଟ୍‌ମାନଙ୍କର ସବୁ ଦାବୀ ମାନି ନେଉଛନ୍ତି । ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ସବୁ କିଛି ବିଧି ବ୍ୟବସ୍ଥାକୁ ପାଦରେ ଦଳି ଚାଲିଛନ୍ତି । ଦିଲ୍ଲୀ ନିର୍ବାଚନରେ କେଜରିଓ୍ୱାଲ୍ ଜିତିଲେ । ତାଙ୍କୁ ପୋଲିସ୍ କ୍ଷମତା ଦିଆଯାଉନାହିଁ । ସେ କିପରି ଶାସନ କରିବେ । ଆମ ଆଦ୍‌ମୀ ପାର୍ଟିର ସବୁ ନୀତି କାର୍ଯ୍ୟକ୍ରମ ସହିତ ଜଣେ ଏକମତ ହୋଇ ନ ପାରେ । ମାତ୍ର ଏକ ନିର୍ବାଚିତ ରାଜ୍ୟ ସରକାରର ଡେଣାକୁ କାଟିବା କିପରି ଗଣତନ୍ତ୍ର ? ଏ ପ୍ରକାର ଆକ୍ରମଣ ବନ୍ଦ ହେବା ଦରକାର । ଦିଲ୍ଲୀରେ ଯାହା କିଛି ଖରାପ ହେବ ସେଥିଲାଗି କେଜରିଓ୍ୱାଲ୍‌ଙ୍କୁ ଦାୟୀ କରାଯିବ । ଏହା କି ପ୍ରକାର ନ୍ୟାୟ ?

ଆମର କାର୍ଯ୍ୟ ହେଉଛି ସତ୍ୟ ସପକ୍ଷରେ ଲୋକଙ୍କୁ ସଙ୍ଗଠିତ କରିବା । ଯେତେ ତିକ୍ତ ହେଉନା କାହିଁକି ସତ୍ୟର ପ୍ରଚାର କରିବା । ଆମର ରାଷ୍ଟ୍ରାୟତ୍ତ ବୀମା ଶିଳ୍ପ ଲୋକଙ୍କର ସଞ୍ଚୟକୁ ସଂଗ୍ରହ କରି ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରୁଛି । ମୋଦି ସରକାର ଏହାକୁ ଧ୍ୱଂସ କରିବାକୁ ବସିଛି । ପ୍ରଧାନମନ୍ତ୍ରୀ ମୋଦି ଓ ଅର୍ଥମନ୍ତ୍ରୀ ଜେଟଲିଙ୍କର ମୁଖ୍ୟ କାମ ହୋଇ ଯାଇଛି ଠାକୁର ଖଟୁଲି ସହିତ ଦେଶକୁ ଆମେରିକା ସାମ୍ରାଜ୍ୟବାଦକୁ ବିକ୍ରୀ କରିବା । ରାଜ୍ୟ ସଭାରେ ମୋଦି ସରକାରର ସଂଖ୍ୟାଗରିଷ୍ଠତା ନାହିଁ । ସେଥିଲାଗି ସେମାନଙ୍କର ଅସୁବିଧା ହେଉଛି । ଜେଟ୍‌ଲି କହୁଛନ୍ତି ପରୋକ୍ଷ ଭାବେ ନିର୍ବାଚିତ ରାଜ୍ୟ ସଭା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଲୋକ ସଭାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ନିଜେ ଜେଟ୍‌ଲି ଲୋକ ସଭା ନିର୍ବାଚନରେ ହାରି ଯାଇ ରାଜ୍ୟ ସଭ୍ୟାଙ୍କୁ ନିର୍ବାଚିତ ହୋଇଛନ୍ତି । ତା'ସତ୍ତ୍ୱେ ଏପରି ନିର୍ଲଜ୍ଜ ବକ୍ତବ୍ୟ ଦେବାକୁ ପଛାଉନାହାଁନ୍ତି ।

ଆମକୁ ଏସବୁ କଥା ଲୋକଙ୍କୁ କହିବାକୁ ହେବ । ଆଜି ଏକଥାକୁ କେତେକ ବିଶ୍ୱାସ ନ କରି ପାରନ୍ତି । କିନ୍ତୁ ଦିନେ ନା ଦିନେ ବିଶ୍ୱାସ କରିବେ । କାରଣ ଏହାହିଁ ସତ୍ୟ । ଆଜି ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନେ ବିପୁଳ ସଂଖ୍ୟାରେ ଆମ ପରି ବହୁ ଶ୍ରମିକଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ମଧ୍ୟ ପ୍ରଦେଶ, ଛତିଶଗଡ଼, କେରଳ, ତାମିଲ୍‌ନାଡୁ ପରି ପ୍ରାୟ ସବୁ ରାଜ୍ୟରେ ଏପରି ଘଟୁଛି । ଆମକୁ ଏ ସମସ୍ତ ନିର୍ଯ୍ୟାତିତ ଶୋଷିତ ବର୍ଗଙ୍କର ସଂଗ୍ରାମରେ ସାମିଲ୍ ହେବାକୁ ପଡ଼ିବ । ଅଭୁକ୍ତ, ଅର୍ଦ୍ଧଭୁକ୍ତ, ବାସହୀନ, ଭୂମିହୀନ, ବସ୍ତ୍ରହୀନ ଅସଂଖ୍ୟ ଲୋକଙ୍କର ସଂଗ୍ରାମ ପ୍ରତି ସଂହତି ପ୍ରଦର୍ଶନ କରିବାକୁ ପଡ଼ିବ । ସେମାନେ ଆମ ପରି ଶିକ୍ଷାର ସୁଯୋଗ ପାଇ ପାରିନାହାଁନ୍ତି ସତ ମାତ୍ର ସେମାନେ ମଧ୍ୟ ଶୋଷିତ । ସେମାନେ ମଧ୍ୟ ଆମ ପରି ଶ୍ରମିକ । ଏ.ଆଇ.ଆଇ.ଇ.ଏ. ଆମକୁ ଶିକ୍ଷା ଦେଇଛି ଶ୍ରମିକ ଶ୍ରେଣୀର ଏକତା ଓ ଐକ୍ୟବଦ୍ଧ ସଂଗ୍ରାମ ହିଁ ସଫଳତା ହାସଲର ଏକମାତ୍ର ପଥ । ଆମ୍ଭମାନଙ୍କର ଐତିହ୍ୟ ଉଜ୍ଜଳମୟ । ମାତ୍ର ଖାଲି ଏହି ଅତୀତର ଗାଥା ଗାନ କଲେ ଚଳିବ ନାହିଁ । ଆମ୍ଭମାନଙ୍କୁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ସଂଗ୍ରାମ ମାଧ୍ୟମରେ ନୂତନ ଇତିହାସ ରଚନା କରିବାକୁ ପଡ଼ିବ ।

❖❖❖



# ଭଣ୍ଡ ବାବା ଉପାଖ୍ୟାନ

ଜ୍ଞାନେନ୍ଦ୍ର ପ୍ରସାଦ ବେହେରା, ସମ୍ପାଦକ,
କେନ୍ଦ୍ରାପଡ଼ା ବେସ୍ ୟୁନିଟ୍

ଓଡ଼ିଶାର ଭବିଷ୍ୟତ ତଥା ଓଡ଼ିଆ ଜାତିର ଗର୍ବ ଓ ଗୌରବ ତଥା ସଂସ୍କୃତିରେ ନିଶ୍ଚିତ ରୂପେ ଅଂକୁଶ ଲାଗିବାକୁ ଯାଉଛି । ତେଣୁ ଏଥିପ୍ରତି ଆମେ ସମସ୍ତେ ସଜାଗ ରହିବା ସହିତ ଓଡ଼ିଶାର ସଂସ୍କୃତିକୁ ବଜାୟ ରଖିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ । ତେବେ ଆମ ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବା ସହିତ ନୂତନ ପିଢ଼ିକୁ ଦିଗ୍‌ଦର୍ଶନ ଦେବା ପାଇଁ ଆମ ଗାଁ ଗହଳିଠୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ସବୁଠି କିଛି ମଠ ବା ଆଶ୍ରମର ବାବାମାନେ ଆମ ଓଡ଼ିଆ ଜାତି ଓ ସଂସ୍କୃତିର ଭକ୍ଷକ ସାଜିଛନ୍ତି ।

ଉଦାହରଣ ସ୍ୱରୂପ : ପ୍ରତ୍ୟେକ ବର୍ଷ ଠିକ୍ ରଥଯାତ୍ରା ସମୟରେ କେନ୍ଦ୍ରାପଡ଼ା ବାରିମୂଳ ସ୍ଥିତ ସାରଥି ଆଶ୍ରମର ମୁଖ୍ୟ ବାବା ସାରଥି କୁଆଡ଼େ ଉଭାନ ହୋଇଯାଆନ୍ତି । ଯଦି କୌଣସି ଭକ୍ତଙ୍କୁ ଏକଥା ପଚରା ଯାଏ, ତେବେ ସେମାନେ ବିଭିନ୍ନ କଥା କୁହନ୍ତି ଯଥା – ପ୍ରଭୁ ଯାଇଛନ୍ତି ତୀର୍ଥ କରି ବା ଗଙ୍ଗାସ୍ନାନ କରି ଇତ୍ୟାଦି । ତେବେ ଚଳିତ ବର୍ଷ ଯେତେବେଳେ କେନ୍ଦ୍ରାପଡ଼ା ଅରାଧ୍ୟ ଶ୍ରୀ ବଳଦେବଜୀଉ ରଥକୁ ଆସିଲେ । ସେତେବେଳ ପ୍ରଭୁ ଚାଲିଲେ ଡାକ୍ତରୀ ଯୁବତୀଙ୍କୁ ସାଙ୍ଗରେ ନେଇ ଗୋଲକୁଣ୍ଡା ହୋଟେଲ୍, ହାଇଦ୍ରାବାଦ୍ । ଏ ଖବର ଯେତେବେଳେ ବଜ୍ରକିଳା ଖବରକାଗଜରେ ବାହାରେ, ତାକୁ ଅଧିକାଂଶ ବିଶ୍ୱାସ କରିପାରନ୍ତିନାହିଁ । କିନ୍ତୁ ଯେତେବେଳେ NEWS-7 ଓ ପ୍ରମେୟ ଖବରକାଗଜରେ ଘନ ଘନ ପ୍ରସାରିତ ହୁଏ, ସେତେବେଳେ ବାବା ମିଛ କହି ଭୂଆଁ ବୁଲାନ୍ତି । କିନ୍ତୁ ସତ କେବେ ଲୁଚି ରୁହେନା । ଯଦିଓ ପୋଲିସର ପକ୍ଷପାତିତା ଯୋଗୁଁ କିଛି ଜନତା ଏହି ରୋଷର ଶିକାର ହୁଅନ୍ତି । କିନ୍ତୁ ଶେଷରେ କ୍ରାଇମବ୍ରାଞ୍ଚ ଦ୍ୱାରା ଅଗଷ୍ଟ ୭ ତାରିଖରେ ସାରଥି ବାବା ତାଙ୍କ ବାରିମୂଳସ୍ଥ ଆଶ୍ରମରୁ ବନ୍ଦି ହୁଅନ୍ତି । ପରେ ପରେ ସବୁ କଥାର ଗୁମର ଧିରେ ଧିରେ ଫିଟି ଯାଏ । ପାଳିତ ପୁଅ ସତ୍ୟମ ବି ବନ୍ଦି ହେବା ସହିତ ଚେଲା ମଧ୍ୟ ବନ୍ଦି ହୋଇ ଖୁଆଡ଼ ଭିତରକୁ ଯାଆନ୍ତି ।

ଏହାପରେ ପଡ଼ିଯାଏ ଓଡ଼ିଶାର ଅନ୍ୟ ପ୍ରମୁଖ ବାବା ମାନଙ୍କର ପାଳି । ଦ୍ୱିତୀୟରେ ପାଳି ପଡ଼େ ଝିଣ୍ଟି ଆଶ୍ରମର ସୁରବାବାଙ୍କ ଉପରେ ଅଚ୍ୟୁତଙ୍କ ଶୂନ୍ୟ ପୋଥିର ଭଗବାନ ବୋଲାଉଥିବା ସୁରବାବା ମଧ୍ୟ ଆଜି ଝାରପଡ଼ା ଜେଲରେ । ଅସରନ୍ତି କଳାଧନରେ ବିଭିନ୍ନ ସ୍ଥାନରେ ଜାଗା କିଣିବା ସହିତ ନିଜ ଇଚ୍ଛାର ଅଚ୍ୟୁତ ନଗର ଆଜି ମୁକ୍ତ । ସେହିପରି ଶଙ୍କର ବାବା, ବାନା ବାବା ଓ ମନୁବାବା ଇତ୍ୟାଦିଙ୍କର ମଧ୍ୟ ପାଳିପଡ଼ିଗଲାଣି । ତେବେ ମୋର କହିବା କଥା ହେଉଛି, ଦୀର୍ଘଦିନ ଧରି କାୟାବିସ୍ତାର କରିଥିବା ବାବାମାନେ ଆଜି ଚାରିକାନ୍ଥ ଭିତରେ କଇଦୀ ଜୀବନ ବିତାଉଛନ୍ତି । ଏହା କେବଳ ସମ୍ଭବ ହେଲା NEWS - 7 ଚାନେଲ୍‌ର ଉଦ୍ୟମ ଯୋଗୁଁ । ତେଣୁ ଏହି ଓଡ଼ିଆ ଜାତି ନିଜର ପରମ୍ପରାକୁ ବଜାୟ ରଖିବାକୁ ହେଲେ ଏପରି ଭଣ୍ଡବାବାମାନଙ୍କୁ ବିଶ୍ୱାସ କରିବା ଅନୁଚିତ୍ ଓ କୁସଂସ୍କାର–ଅନ୍ଧବିଶ୍ୱାସ, ଅଯଥା ଚମତ୍କାରିତାଠାରୁ ଦୂରେଇ ରହିବା ଉଚିତ୍ ।

❖❖❖



# ଆଉ ଏକ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା

**ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA**

Neill Blomkamp ଙ୍କ ନିର୍ଦ୍ଦେଶିତ ୨୦୧୩ରେ ମୁକ୍ତିପ୍ରାପ୍ତ ଚଳିଚ୍ଚିତ୍ର Elysium ରେ, ଦେଶାନ୍ତରର ରାଜନୈତିକ–ସାମାଜିକ ଏବଂ ଶ୍ରେଣୀ ଆୟଉର କରୁଣ ଦିଗକୁ ଅତ୍ୟନ୍ତ ମାର୍ମିକ ପରିସ୍ଫୁଟନ କରାଯାଇଛି । ୨୧୫୪ ମସିହାର ସାମାଜିକ ପୃଷ୍ଠଭୂମିରେ ଆଧାରିତ ଏହି ଚଳଚ୍ଚିତ୍ରରେ ଦର୍ଶାଯାଇଛି ଯେ, ଧନୀକ ଗୋଷ୍ଠୀ ସମୂହ ଭାବରେ ପୃଥିବୀ ପରିତ୍ୟାଗ କରି, ମହାଶୂନ୍ୟରେ Elysium ନାମକ ଅତ୍ୟାଧୁନିକ ଅନ୍ତରୀକ୍ଷଯାନରେ ବସବାସ କରୁଛନ୍ତି । ପୃଥିବୀରେ ସବୁକିଛି ନଷ୍ଟ ହୋଇଯାଇଛି । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଅପରାଧମାତ୍ରା କଳ୍ପନାତୀତ ଓ ଗରିବ ଅଧିବାସୀଙ୍କ ଦୟନୀୟ ଅବସ୍ଥା ଅବର୍ଣ୍ଣନୀୟ । ପୃଥିବୀରେ ରହିଯାଇଥିବା ଏହି ଗରିବ ଅଧିବାସୀମାନେ କୌଣସି ପ୍ରକାରରେ ସେହି ଅନ୍ତରୀକ୍ଷଯାନ Elysium ରେ ପ୍ରବେଶ କରିବାକୁ ଉଦ୍ୟମରତ । କିନ୍ତୁ, Elysium ସ୍ୱର୍ଗୀୟ ସୁଖକୁ ସେଠାର ଉଭୟ ରାଜା ଓ ପ୍ରଜା, କାହା ସହିତ ବାଣ୍ଟିବାକୁ ଚାହାନ୍ତି ନାହିଁ । ଅର୍ଥାତ୍ Elysium ଧନୀକ ବର୍ଗଙ୍କ କୃତକର୍ମ ପାଇଁ, ବର୍ତ୍ତମାନ ପର୍ଯ୍ୟନ୍ତ ଆବିଷ୍କୃତ ଏକମାତ୍ର ବାସପଯୋଗୀ ଗ୍ରହ, ପୃଥିବୀ ନର୍କରେ ପରିଣତ ହୋଇଯାଇଛି । ଏହାହିଁ ଚଳଚ୍ଚିତ୍ରଟିର ସାରମର୍ମ । ଆଜି ଆମେ ବାସ୍ତବରେ କ'ଣ ଲକ୍ଷ କରୁଛେ ?

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସମାପ୍ତି ପରେ, ଦୁଇ ମହାଶକ୍ତି – ସୋଭିଏତ୍ ସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ପୃଥିବୀ ଦ୍ୱିଧା ବିଭକ୍ତ ହେଲା । ଯଥାକ୍ରମେ ସମାଜବାଦ ଓ ପୁଂଜିବାଦ ନୀତିକୁ ଗ୍ରହଣ କରିନେଇଥିବା ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହେଲା । ପଶ୍ଚିମ ଏସିଆାରେ ଛାୟା ଗଣତନ୍ତ୍ର ଥିବା ସତ୍ତ୍ୱେ ରାଜନୈତିକ ତଥା ଆର୍ଥିକ କାରବାରର ସ୍ଥିରତା ରହିଥିଲା । ନବେ ଦଶକ ଆରମ୍ଭରେ ସମାଜବାଦୀ ସୋଭିଏତ୍ ସଂଘର ବିଲୟ ପରେ ଶୀଳତ ଯୁଦ୍ଧର ଅବସାନ ତ ହେଲା, କିନ୍ତୁ ୟୁରୋଆଟଲାଣ୍ଟିକ ଶକ୍ତିସମୂହ ନିଜର ସଂକୀର୍ଣ୍ଣ ରାଜନୈତିକ–ଆର୍ଥିକ ଲକ୍ଷ୍ୟ ହାସଲ ପାଇଁ, କଳେ, ବଳେ, କୌଶଳେ ପଶ୍ଚିମ ଏସିଆର ବିରାଟ ଭୂଖଣ୍ଡରେ ମହଜୁଦ୍ ଥିବା ପ୍ରଚୁର ପରିମାଣର ହାଇଡ୍ରୋକାର୍ବନ୍ ଓ ଖଣିଜ ତୈଳ ପରି ବିପୁଳ ପ୍ରାକୃତିକ ସମ୍ପଦକୁ ଅକ୍ତିଆର କରିବା ପାଇଁ ଅଭିଯାନ ଆରମ୍ଭ କରିଦେଲେ । ଭବିଷ୍ୟତର ସାମ୍ରାଜ୍ୟବାଦୀ ଅଗ୍ରାସନ ପାଇଁ ଭିତ୍ତିଭୂମି, ଏଇଠାରୁ ସ୍ଥାପିତ ହେଲା । ସେବେଠାରୁ ଆଜି ପର୍ଯ୍ୟନ୍ତ ଆମେରିକା ନେତୃତ୍ୱାଧିନ ବିଶ୍ୱ ସାମ୍ରାଜ୍ୟବାଦୀ ଗୋଷ୍ଠୀ ସମୂହ, ସମ୍ପୃକ୍ତ ଦେଶଗୁଡ଼ିକର ଶାସନତନ୍ତ୍ର ଗୁଡ଼ିକୁ ନିରନ୍ତର ଭାବରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ କରିବା ମାଧ୍ୟମରେ ହେଉ ଅଥବା ଅମାନିଆ ସରକାରକୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ, ସମ୍ପୃକ୍ତ ଦେଶଗୁଡ଼ିକର ବିଚ୍ଛିନ୍ନତାବାଦୀ ଗୋଷ୍ଠୀକୁ ସାମରିକ / ଅର୍ଥନୈତିକ ମଦତ ଯୋଗାଇ, ସଖୀ କଣ୍ଢେଇ ସରକାର ସ୍ଥାପନା ମାଧ୍ୟମରେ କିମ୍ବା ଅର୍ଥନୈତିକ ବାସନ୍ଦ ଲାଗୁ କରି, ନିଜର ଦୂରାଭିସନ୍ଧି ପୁରଣ କରିବାରେ ଲାଗିଛନ୍ତି ।

କିଛି ଦିନ ପୂର୍ବେ ବିଭିନ୍ନ ଛାପା ମାଧ୍ୟମରେ ପ୍ରକାଶିତ ଓ ଗଣମାଧ୍ୟମ ତଥା ସୋସିଆଲ୍ ମିଡ଼ିଆରେ ବହୁଳ ଭାବରେ ପ୍ରସାରିତ ହୋଇଥିବା ଗୋଟିଏ ଫଟୋଚିତ୍ର, ସମଗ୍ର ବିଶ୍ୱର ବୁଦ୍ଧିଜୀବି ସମ୍ପ୍ରଦାୟର ବିବେକକୁ ଦେହଲାଇ ଦେଇଥିଲା । ଫଟୋ ଥିଲା, ତୁର୍କୀର ବେଦରସ୍ ନିକଟସ୍ଥ ସାମୁଦ୍ରିକ ବେଳାଭୂମିରେ ଭାସି ଆସି ଲାଗିଥିବା ଆଲ୍ୟାନ ନାମକ ୩ ବର୍ଷର କୁନି ଶିଶୁର ନୀରବ, ନିଷ୍ପ୍ରାଣ ଶରୀର ଚିତ୍ର । ସମୁଦ୍ର ବାଲିରେ ମୁହଁମାଡ଼ି ଶାନ୍ତିରେ ଶୋଇଯାଇଥିବା ପରି ପ୍ରତୀୟମାନ ହେଉଥିବା, ଏହି କରୁଣ ଦୃଶ୍ୟ, ସାମ୍ରାଜ୍ୟବାଦୀ ବର୍ବରତାର ନିଷ୍ଠୁର ବାସ୍ତବତାକୁ ଦର୍ଶାଉଥିଲା । ISIS (Islamic State) ଜେହାଦୀ ଆକ୍ରମଣକାରୀମାନେ ସିରିଆର ଉତ୍ତର ଭାଗରେ ତୁର୍କୀ ସୀମାସ୍ଥିତ କୋବାନି ସହରକୁ ମାସ ମାସ ଘେରି ରକ୍ତାକ୍ତ ଆକ୍ରମଣ ଚଳାଇଥିଲେ । ମୁଣ୍ଡକାଟ, ଧର୍ଷଣ ପରି ଅତ୍ୟନ୍ତ ଅମାନବୀୟ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେଠିକାର ବାସିନ୍ଦା ସ୍ୱଦେଶ ଛାଡ଼ି ୟୁରୋଧ ଅଭିମୁଖେ ଶରଣାର୍ଥୀ ହୋଇ ଯାତ୍ରା କରୁଥିଲେ । ସେହିମାନଙ୍କ ମଧ୍ୟରୁ ୧୨ ଜଣିଆ ସଦସ୍ୟ ବିଶିଷ୍ଟ ପରିବାରଟିଏ ଗୋଟିଏ ଡଙ୍ଗାରେ ସମୁଦ୍ର ଅତିକ୍ରମ କରିବାକ ଉଦ୍ୟମ କରୁଥିବା ବେଳେ ଡଙ୍ଗାଟି ଜଳସମାଧି ଲଭିଲା, ଯାହା ଫଳରେ କେବଳ ପରିବାର ମୂଖ୍ୟଙ୍କ ବ୍ୟତୀତ ଅନ୍ୟ ସମସ୍ତେ ମୃତ୍ୟୁବରଣ କଲେ । ସମୁଦ୍ର ଢେଉରେ ଭାସ ଆସି ବେଳାଭୂମିରେ ଲାଗିଥିବା ଉପୋରକ୍ତ ଶିଶୁଟି ଏହି ପରିବାରର ସଦସ୍ୟ ଥିଲା ।

କେବଳ ସିରିୟା ନୁହେଁ, ଗୃହ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ଇରାକ୍, ଲିବିୟା, ଏରିଟ୍ରିଆ, ଆଫ୍‌ଗାନିସ୍ଥାନରୁ ଲକ୍ଷ ଲକ୍ଷ ଅଧିବାସୀ ଦେଶାନ୍ତରୀ ହୋଇ ଅନ୍ୟତ୍ର ଶରଣାର୍ଥୀ ସାଜିବାକୁ ବାଧ ହେଉଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆଜିର ଶରଣାର୍ଥୀ ସମସ୍ୟା ବିଶାଳ ଆକାର ଧାରଣ କରିଛି । ପ୍ରଶ୍ନ ହେଉଛି କେତେବେଳେ ଓ କାହିଁକି ଜଣେ ନିଜ ଦେଶ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେବାକୁ ବାଧ ହୁଏ । ଅନ୍ତଃହୀନ ଅରାଜକତା, ବ୍ୟାପକ ସାମାଜିକ ଅସ୍ଥିରତା, ଅହରହ ମୃତ୍ୟୁର ତାଣ୍ଡବଲୀଳା ଗୋଟିଏ ସ୍ଥାନକୁ ଛାରଖାର କଲାବେଳେ, ଜଣେ ନିଜ ଦେଶ ଛାଡ଼ିବାକୁ ବାଧ ହୋଇଥାଏ । ଅନ୍ୟପକ୍ଷରେ, ଆଶ୍ରିତ ଦେଶରେ ଗୋଟିଏ ପରିଚୟ ବିହୀନ ପ୍ରାଣୀ ଭାବରେ ଅନିଶ୍ଚିତ ଭବିଷ୍ୟତକୁ ସାମନା କରିଥାଏ । ନିଜ ଦେଶ ଓ ଆଶ୍ରିତ ଦେଶ ଉଭୟ–ଅର୍ଥାତ୍ ସମଗ୍ର ପୃଥିବୀ – ତା ପାଇଁ ନର୍କ ପାଲଟିଯାଏ । ଏଇଠି ପ୍ରଶ୍ନ ଉଠୁଛି, ବିଶ୍ୱର ସଂଖ୍ୟାଧିକ ଅଧିବାସୀଙ୍କ ପାଇଁ, ସମଗ୍ର ବିଶ୍ୱକୁ ନର୍କରେ ପରିଣତ କରିବା ପାଇଁ ଦାୟୀ କେଉଁମାନେ ? ବିଶେଷ ଭାବରେ ସମଗ୍ର ପଶ୍ଚିମ ଏସିଆ ଆଜି କାହା ପାଇଁ ଛାରଖାର ହୋଇଯାଇଛି ?

ଆମେରିକା ନେତୃତ୍ୱାଧୀନ ସାମ୍ରାଜ୍ୟବାଦୀ ଜଗତର ଏହି ଅମାନବୀୟ କାରନାମାର ଫଳାଫଳ ଆଜି ବିଶ୍ୱବାସୀ ଭୋଗ କରୁଛନ୍ତି । ଆଲୋଚ୍ୟ ଅଞ୍ଚଳରେ କ୍ରମଶଃ ମୁଣ୍ଡ ଟେକି ପର୍ଯ୍ୟାୟକ୍ରମେ ନିଜର କାୟାବିସ୍ତାର କରିଚାଲିଥିବା ଅଲ–ନୁସୂର, ଅଲ–ଜଜିର, ଅଲ କାୟଦା, ବୋକୋହାରାମ ଓ ଇସଲାମିକ ଷ୍ଟେଟ ପରି ଭୟଙ୍କର ଆତଙ୍କବାଦୀ ସଙ୍ଗଠନର ଜନ୍ମ ପାଇଁ ଏହିମାନଙ୍କ କୃତକର୍ମ ହିଁ ସମ୍ପୂର୍ଣ୍ଣ ରୂପେ ଦାୟୀ । ଏହି ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିଶ୍ୱବ୍ୟାପୀ ଅବିଚାରତ ଭାବରେ ହତ୍ୟା, ଧର୍ଷଣ, ପରି ନାରକୀୟ କାଣ୍ଡ ଘଟାଇଚାଲିଛନ୍ତି, ଏହି ସ୍ତମ୍ଭରେ ତାହାର ବିସ୍ତୃତ ଆଲୋଚନାର ଆବଶ୍ୟକ ମନେ ହୁଏନା ।

ବିଜେପି ପରି ଗୋଟିଏ ଚରମ ପ୍ରତିକ୍ରିଆଶୀଳ, ଦକ୍ଷିଣପନ୍ଥୀ, ସାମ୍ପ୍ରଦାୟିକ ରାଜନୈତିକ ଦଳ କେନ୍ଦ୍ର ସଂଖ୍ୟାଗରିଷ୍ଠ ଭିତ୍ତିରେ ସରକାର ଗଠନ କଲାପରେ ଆମ ଦେଶର ଗତି ଆଜି କୁଆଡ଼େ ? ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନବ୍ୟ–ଉଦାରବାଦ ନୀତିକୁ ଲଗାମହୀନ ଘୋଡ଼ା ପରି ଦୌଡ଼ାଇଚାଲିଥିବା ବିଜେପି ଶାସନର ମାତ୍ର ଦେଢ଼ ବର୍ଷର ଶାସନ ସମୟକୁ ଅନୁଶୀଳନ କଲେ କ'ଣ ହୃଦବୋଧ ହେଉଛି ? ସତେ ଯେପରି ଭାରତବର୍ଷ ଗୋଟିଏ terror state କୁ ପରିବର୍ତ୍ତିତ ହେବାକୁ ଯାଉଛି ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାସନ ଭାର ଗ୍ରହଣ କରିବାର ମାତ୍ର ଦୁଇ ମାସ ମଧ୍ୟରେ କେବଳ ଉତ୍ତରପ୍ରଦେଶରେ ଛଅ ଶହରୁ ଅଧିକ ସାଂପ୍ରଦାୟୀକ ଦଙ୍ଗା ସଂଘଟିତ ହୋଇଥିଲା । ସମ୍ପ୍ରତି ଉତ୍ତରପ୍ରଦେଶର ଦାଦ୍ରୀରେ କେବଳ ଗୁଜବ ଆଧାରରେ ଗୋଟିଏ ସଂଖ୍ୟାଲଘୁ ପରିବାର ଉପରେ, ସଂଖ୍ୟାଗରିଷ୍ଠ ଧର୍ମାବଲମ୍ବୀ ଗୋଷ୍ଠୀ

ମିଳିତ ଆକ୍ରମଣ କରି ହତ୍ୟାର ତାଣ୍ଡବ ରଚିଲେ । ବାକ୍ ସ୍ୱାଧୀନତା ଆଜି ପ୍ରଚଣ୍ଡ ଆକ୍ରମଣର ସମ୍ମୁଖୀନ । ଡାଭୋଲକର, ପାନେସାର, ଗୁଲବର୍ଗୀଙ୍କ ପରି ହେତୁବାଦୀମାନଙ୍କୁ ହତ୍ୟା କରାଯାଉଛି ଅଥବା ମୁରୁଗାନ ପରି ପ୍ରଗତିଶୀଳ ଲେଖକମାନେ ହତ୍ୟା ଧମକର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଏପରି ସଙ୍ଗୀନ ହୋଇଛି ଯେ, ପ୍ରଚଳିତ ଧାରାକୁ ବିରୋଧ କରି, ରାଷ୍ଟ୍ର ପକ୍ଷରୁ ସମ୍ମାନିତ ବ୍ୟକ୍ତିବିଶେଷ ନିଜ ନିଜର ସ୍ୱୀକୃତି ସବୁକୁ ସରକାରଙ୍କୁ ଫେରାଇ ଦେଉଛନ୍ତି । ଦେଶର ବିଭିନ୍ନ ବର୍ଗର କଳାକାର, ବୁଦ୍ଧିଜୀବି, ଚିନ୍ତାଶୀଳ ବ୍ୟକ୍ତି, ବୈଜ୍ଞାନିକ, ଲେଖକ, ଐତିହାସିକ, ନାଗରିକ ସମାଜ ମିଳିତ ଭାବରେ ନିଜର ତୀବ୍ର ପ୍ରତିକ୍ରିଆ ଦର୍ଶାଇଛନ୍ତି । ଧର୍ମୀୟ ଅସହିଷ୍ଣୁତା ଧୀରେ ଧୀରେ ଭାରତବର୍ଷକୁ ଆଚ୍ଛାଦିତ କରିବା ମନେ ହେଉଛି । ସତରେ କ'ଣ ଆମ ଦେଶ ଧର୍ମୀୟ ସନ୍ତ୍ରାସବାଦ ଦିଗରେ ଗତି କରିବାକୁ ଆରମ୍ଭ କଲାଣି ? ଆମ ଦେଶରେ ସିରିଆ, ଇରାକ ଅଥବା ଆଫଗାନିସ୍ଥାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉ ନାହିଁ ତ? ଆମକୁ ଆମ ନିଜର ଜନ୍ମଭୂମି ପରିତ୍ୟାଗ କରି ଆଉ କେଉଁ ଦେଶରେ ଆଶ୍ରୟ ଖୋଜିବାକୁ ପଡ଼ିବ ନାହିଁ ତ ? ଆଜି ଆମ ଦେଶ ଏହିପରି ବିରାଟ ଆହ୍ୱାନର ସମ୍ମୁଖୀନ ହୋଇଛି ।

ଯେତେବେଳେ ସମଗ୍ର ବିଶ୍ୱ ଶକ୍ତିଶାଳୀ ଆମେରିକାର ଆକ୍ରମଣ / ଧମକ / ବାସନ୍ଦ ଜନିତ କାର୍ଯ୍ୟକ୍ରମରେ ଥରହର ସେହି ସମୟରେ, ଷାଠିଏ ଦଶକ ଆରମ୍ଭରୁ କାରାବିୟାନ ସାଗର ଅଞ୍ଚଳର ଗୋଟିଏ ଅତି କ୍ଷୁଦ୍ର ଦେଶ କ୍ୟୁବା, ଆମେରିକୀୟ ବାସନ୍ଦ ବ୍ୟବସ୍ଥାକୁ ଟକ୍କର ଦେଇ ନିଜ ଗୋଡ଼ରେ ଛିଡ଼ା ହେବାର ଦୁଃସାହସ ଦେଖାଇଥିଲା । ଏହି ଦେଶର ଜଣେ ପ୍ରାକ୍ତନ ଦେଶଭକ୍ତ ସୈନିକ ଫିଡ଼େଲ କାଷ୍ଟ୍ରୋ, ପରବର୍ତ୍ତୀ କାଳରେ କ୍ୟୁବାର ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବା ପରେ, ସମ୍ପୂର୍ଣ୍ଣ ସମାଜବାଦ ଢାଂଚାରେ ପରିଚାଳିତ କରାଇ କ୍ୟୁବାକୁ ଗୋଟିଏ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରରେ ପରିଣତ କରିବାରେ ଅଙ୍ଗୀକାର ବଦ୍ଧ ହେଲେ । ତାଙ୍କର ଏହି ଦୃଷ୍ଟିଭଙ୍ଗୀକୁ ଅସ୍ପର୍ଦ୍ଧା ଦର୍ଶାଇ, କ୍ୟୁବା ଅଚିରେ ଟୁକୁରା ଟୁକୁରା ହୋଇଯିବାର ଭବିଷ୍ୟତବାଣୀ କରିଥିଲେ ବିଶ୍ୱର ପ୍ରମୁଖ ଦେଶ ସମୂହ । କିନ୍ତୁ ପୁଞ୍ଜିବାଦର ମହାସାଗରରେ ବତୀଘର ସଦୃଶ ସମାଜବାଦର ଆଲୋକବର୍ତ୍ତିକା ପ୍ରଦାନ କରିଥିବା ଆଲୋକରେ ଆଜି ଲାଟିନ ଆମେରିକୀୟ ଅଞ୍ଚଳ ଉଦଭାସିତ ହୋଇଚାଲିଛି । ଏହି ଅଞ୍ଚଳ ଅଧିନସ୍ଥ ସମସ୍ତ ୧୩ଟି ରାଷ୍ଟ୍ରରେ ପ୍ରତିଷ୍ଠିତ ହୋଇଛି ବାମପନ୍ଥୀ ଅଥବା ବାମ ସମର୍ଥିତ ସରକାର । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଧରି ବାସନ୍ଦ ବ୍ୟବସ୍ଥା କାଏମ ରଖିବା ପରେ କ୍ୟୁବାର ଶକ୍ତିକୁ ସ୍ୱୀକାର କରି ନତମସ୍ତକ ହେବା ପାଇଁ ଆମେରିକା ବାଧ୍ୟ ହୋଇଛି । ନିଜର ପୂର୍ବସୁରୀମାନଙ୍କର କ୍ୟୁବା ସମ୍ପର୍କିତ ନୀତିକୁ ଭୁଲ ସ୍ୱୀକାର କରି, ଅପରାଜେୟ ମନେ କରୁଥିବା ଆମେରିକୀୟ ରାଷ୍ଟ୍ରପତି ବାରାକ ଓବାମା ଘୋଷଣା କରିବାକୁ ବାଧ ହୋଇଛନ୍ତି ଏହି ଦେଶ ସହିତ କୂଟନୈତିକ ସମ୍ପର୍କ ପୁନଃସ୍ଥାପନ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂତନ ଇତିହାସ ରଚିବା ପାଇଁ ।

ପୁଂଜିବାଦକୁ ଟକ୍କର ଦେଇ ସମାଜବାଦକୁ କେବଳ ଆଗେଇନେବା ନୁହେଁ, ବରଂ ପରିବ୍ୟାପ୍ତ କରିବାର ସଂଭାବନା ସୃଷ୍ଟି କରିଥିବା କ୍ୟୁବାର ଉଦ୍ୟମକୁ ଦୃଢ଼ୀଭୂତ କରିଛି, ବିଶ୍ୱର ଆଉ ଏକ ଅତି ଉନ୍ନତ ରାଷ୍ଟ୍ର ବ୍ରିଟେନ୍‌ରେ ସମାଜବାଦୀ ଗଣତନ୍ତ୍ରର ଅନ୍ୟତମ ଦୃଢ଼ ସ୍ତାବକ ଜେରମି କୋରବିନଙ୍କ ଅପ୍ରତ୍ୟାଶିତ ଉତ୍ଥାନରେ । ସମ୍ପୂର୍ଣ୍ଣ ବାମପନ୍ଥୀ ମାର୍ଗରେ ପରିଚାଳିତ ଏହି ନେତାଙ୍କ ଲୋକପ୍ରିୟତା, ସମାଜବାଦ କଡ଼ଲେଉଟାଇବା ପ୍ରମାଣିତ କରୁଛି । କେବଳ ସେତିକି ନୁହେଁ, ଗ୍ରୀସ୍‌ରେ ସିର୍ଜିଆ, ସ୍ପେନରେ ପୋଡ଼େମସ, ବ୍ରିଟେନ୍‌ରେ ନିର୍ବାଚନରେ ସ୍କଟିସ ନ୍ୟାସନାଲିଷ୍ଟ ପାର୍ଟିର ଜବରଦସ୍ତ ପ୍ରଦର୍ଶନ, ଇଟାଲୀରେ ଫାଇଭ ଷ୍ଟାର ଦଳର ଉତ୍‌ଥାନ ତଥା ଖୋଦ ଆମେରିକାର କଂଗ୍ରେସ ଇତିହାସରେ, ସର୍ବାପେକ୍ଷା ଦୀର୍ଘ କାଳ ଧରି ସ୍ୱାଧୀନ ସଦସ୍ୟ ରହିଆସିଥିବା ବେରନାର୍ଡ଼ ସାନଡ଼େର୍ସଙ୍କ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା, ପୁଂଜିବାଦର ଦ୍ୱାରରେ ଦସ୍ତକ ଦେବାକୁ ଆରମ୍ଭ କରିଦେଲାଣି । ସମାଜବାଦର ଦିଗବଳୟରେ ଏହି ନୂତନ ସଂଭାବନାର ସୂର୍ଯ୍ୟୋଦୟ ହେବାକୁ ଆଉ ବେଶି ଡେରି ନୁହେଁ ।

ସେହି ସମ୍ଭାବନାକୁ ସାକାର କରିବାର ଲଢ଼େଇରେ ପ୍ରତ୍ୟେକ୍ଷ ଭାବରେ ଯଦି ଆମେ ନିଜକୁ ସାମିଲ କରିବାରେ ବିଫଳ ହୁଅନ୍ତି, ତେବେ ଆମର ଆଲ୍ୟାନ ମାନେ ଆମକୁ କ୍ଷମା କରିବେ ତ ? ପ୍ରମାଣିତ କରିବାକୁ ହେବ ହେଯ ପୁଂଜିପତି ମାନଙ୍କ କଳ୍ପନାରେ Elysium ଅନ୍ତରୀକ୍ଷରେ ନୁହେଁ, ଆମର ଏହି ପୃଥିବୀକୁ ସ୍ୱର୍ଗୀୟ ବାସରେ ପରିଣତ କରିବାରେ ଏକମାତ୍ର ପଥ ହେଉଛି ସମାଜବାଦ । ଏଥିପାଇଁ AIIEA ପରି ଏକ ଅତ୍ୟନ୍ତ ଦୂରଦର୍ଶୀ, ଚିନ୍ତାଶୀଳ ସଙ୍ଗଠନର ସଚେତନ ସଭ୍ୟ ହିସାବରେ ଆମର ମୌଳିକ ସାମାଜିକ କର୍ତ୍ତବ୍ୟ ହେଉଛି, ଆମ ଦେଶର କେନ୍ଦ୍ର ସରକାରଙ୍କ ବିଚ୍ଛିନ୍ନତାବାଦୀ, ଅପରିଣାମଦର୍ଶୀ କାର୍ଯ୍ୟନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ, ଆଗାମୀ ଦିନରେ ବିକଳ୍ପ ରାଜନୈତିକ ଶକ୍ତି ପାଇଁ ସମର୍ଥନ ହାସଲ ନିମିତ୍ତ ଏକଜୁଟ ହୋଇ କାର୍ଯ୍ୟ କରିବା । ପ୍ରଥମେ ଲାଟିନ ଆମେରିକା ଓ ବର୍ତ୍ତମାନ ୟୁରୋପରେ ଆରମ୍ଭ ହୋଇଥିବା ଆଉ ଏକ ନୂତନ ସମ୍ଭାବନାର ସୂର୍ଯ୍ୟୋଦୟ ପୁଣି ଥରେ ପ୍ରମାଣିତ କରୁଛି ଯେ, ଲକ୍ଷ୍ୟ ସ୍ଥଳରେ ପହଂଚିବାର ପଥ ବନ୍ଧୁର, ଦୁରୂହ ହୋଇପାରେ, କିନ୍ତୁ ଅସମ୍ଭବ ନୁହେଁ । ଅନ୍ତିମ ବିଜୟ ନିଶ୍ଚିତ ଆମର – ଜନଶକ୍ତିର । ଇତିହାସ ତାର ସାକ୍ଷୀ ।



## ଆସ ବନ୍ଧୁ, ଆସ ସାଥୀ ଆମ ସଂଘର ଡାକରା

**ନିରଞ୍ଜନ ନାହାକ, ସହ–ସମ୍ପାଦକ,**
**BDIEA, ବ୍ରହ୍ମପୁର**

ଆସବନ୍ଧୁ, ଆସ ସାଥୀ ଆମ ସଂଘର ଡାକରା ।
ଲାଲ୍ ଝଣ୍ଡାରେ ଆମର ଅଟଇ ଜୀବନ ଭରା ।।
ସତ୍ୟ, ଅହିଂସା ଲଢ଼େଇ ଆମ ଗଣତନ୍ତ୍ରଧାରା ।
ବୀମା କର୍ମଚାରୀ ଆମେ ହୁଡ଼ି ବାନି ଗତି ଧାରା ।।
ଦୂରଦୃଷ୍ଟି ପରମ୍ପରା ସାମ୍ୟବାଦୀ ଚିନ୍ତାଧାରା ।
ଲଢୁଆ ଜୀବନ ଆମ ବୀମା ସୈନିକର ଧାରା ।।
ସ୍ୱର୍ଣ୍ଣ ଇତିହାସ ଆମ ରହି ଅଛି ଭାବ ଧାରା ।
ପଥ ପ୍ରଦର୍ଶକ ସଂଘ AIIEA ଧ୍ରୁବ ତାରା ।।

ଚାଲ ସାଙ୍ଗ ସାଥୀ ଯିବା ସଂଘରେ ଯାଇମିଶିବା
ଆଗରୁ ଅଣ୍ଟା ଭିଡ଼ିବା ଲଢ଼େଇ ଚଳେଇ ନେବା ।।
ଶାଖା ସଂଘ ଯେ ଗଢ଼ିବା ସଚେତନ ସବୁହେବା ।
ଆଲୋଚନାରେ ବସିବା ଚିଠି ପଢ଼ି ପଢ଼ାଇବା ।।
ଚାନ୍ଦା ଆଦାୟ କରିବା ଅକୁଣ୍ଠ ଚିତ୍ତରେ ଦେବା ।
ଶିକ୍ଷା ଶିବିର କରିବା, ଜ୍ଞାନ କୌଶଳ ଶିଖିବା ।।
କର୍ମଚାରୀ ବନ୍ଧୁ ଆମେ ସଦା ସଂଗ୍ରାମ କରିବା
ସଂଘ ବଞ୍ଚାଇ ରଖିବା ଉତ୍ତମ ମଜୁରୀ ନେବା ।।



# ସରକାରଙ୍କ ଘରୋଇ ସଂସ୍ଥା ପ୍ରୀତି

**ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA**

୧୯୪୭ରେ ଦେଶ ସ୍ୱାଧୀନ ହେଲା ପରେ ଦେଶ ସାମ୍ନାରେ ଯେଉଁ ଆହ୍ୱାନଗୁଡ଼ିକ ଥିଲା ତା' ମଧ୍ୟରୁ ସର୍ବାଗ୍ରେ ଥିଲା ଆର୍ଥିକ ଅବସ୍ଥାର ସୁଧାର। ଇଂରେଜମାନେ ଦେଶଛାଡ଼ି ଚାଲିଯିବା ବେଳେ ଯାହା ଛାଡ଼ିଯାଇଥିଲେ ସେ ମଧ୍ୟରେ ଥିଲା ଏକ ଶୁନ୍ୟ ଅର୍ଥ ଭଣ୍ଡାର, ବିଭାଜନ ଜନିତ ଦଙ୍ଗାରେ ୬ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ପିଡ଼ିତଙ୍କ ଥଇଥାନ ବ୍ୟବସ୍ଥା ଏବଂ ସମ୍ବିଧାନ ତଥା ଶାସନ ବ୍ୟବସ୍ଥା । ଶୁନ୍ୟ ଅର୍ଥଭଣ୍ଡାରରେ ଦେଶକୁ କିଭଳି ଚଳାଯିବ ଏ ବିଷୟରେ ଚିନ୍ତା କରି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଦେଶର ସାହାଯ୍ୟ କାମନା କରିଥିଲେ । କିନ୍ତୁ ଆମେରିକା, ଇଂଲଣ୍ଡ ଆଦି ପୁଞ୍ଜିବାଦୀ ରାଷ୍ଟ୍ରମାନେ ଘରୋଇ ସଂସ୍ଥାମାନଙ୍କ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେଇଥିବା ବେଳେ ସେତେବେଳର ସମାଜବାଦି ସୋଭିଏତ୍ ରୁଷ ରାଷ୍ଟ୍ରାୟତ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ସହଯୋଗର ପ୍ରତିଶୃତି ଦେଇଥିଲେ । ସେତେବେଳେ ଘରୋଇ ପୁଞ୍ଜିପତିମାନଙ୍କର ସମ୍ବଳର ଅଭାବରେ ଥିଲା । ତେଣୁ ନିଜର ସ୍ୱାର୍ଥ ସାଧନ ପାଇଁ ସେମାନେ ମଧ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ସମର୍ଥନ କରିଥିଲେ ।

କ୍ରମେ ଘରୋଇ ପୁଞ୍ଜିପତିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠା କରାଇଲେ ଏବଂ ପ୍ରଚୁର ମୁନାଫା କମାଇ ଚାଲିଲେ । ଘରୋଇ ଶିଳ୍ପ ପ୍ରତିଷ୍ଠା ମାଧ୍ୟରେ ନିଯୁକ୍ତି ସୃଷ୍ଟି ହେଲା ସତ କିନ୍ତୁ ଶ୍ରମିକ ଶୋଷଣ ବଢ଼ିଲା । ନ୍ୟାୟ ସଙ୍ଗତ ମଜୁରୀ ମିଳିଲା ନାହିଁ । କାମ କରିବାର ନିର୍ଦ୍ଦିଷ୍ଟ ସମୟ ମଧ ରହିଲା ନାହିଁ । ସରକାର ମଧ ସଠିକ୍ ମୁଲ୍ୟର କର ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ମାଲିକମାନଙ୍କଠାରୁ ପାଇଲେ ନାହିଁ । ଏସବୁ ସତ୍ତ୍ୱେ ଶାସକ କିମ୍ବା ବିରୋଧି ଦଳକୁ ଆୟୁଧ କରି ସେମାନେ ଆଇନର ପଞ୍ଝା ମଧ୍ୟରୁ ବାହାରେ ରହିଗଲେ । ବିଭିନ୍ନ ସମୟରେ କେନ୍ଦ୍ର ଏବଂ ରାଜ୍ୟ ଶାସନ କଳକୁ ପରିଚାଳିତ କରି ସମସ୍ତ ପ୍ରକାର ଦୁର୍ନୀତି ଓ ଅନିତୀ କାର୍ଯ୍ୟ କରି ଚାଲିଲେ ।

ଏ କଥା ଅପ୍ରିୟ ହେଲେ ବି ସତ୍ୟ ଯେ ଭାରତରେ ଥିବା ରାଜନୈତିକ ଦଳମାନଙ୍କ ମଧ୍ୟରୁ ବହୁତ ଦଳ ଅଛନ୍ତି ଯେଉଁମାନଙ୍କ ପାଇଁ ଦେଶସ୍ୱାର୍ଥ ବା ଜନସ୍ୱାର୍ଥ ଅପେକ୍ଷା ଦଳ ଏବଂ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ବେଶି ଗୁରୁତ୍ୱପୂର୍ଣ୍ଣ । ନିର୍ବାଚନ ପ୍ରଚାର ସମୟରେ ଜନଗଣଙ୍କୁ ଦେଇଥିବା ପ୍ରତିଶୃତିକୁ ଭୁଲି କମ୍ପାନୀ ପ୍ରିତୀରେ ହଜିଯାଆନ୍ତି ।

ବାମପନ୍ଥୀ ଏବଂ ସକଳ ଶ୍ରେଣୀର କର୍ମଚାରୀ ସଙ୍ଗଠନମାନଙ୍କ ବିରୋଧ ସତ୍ତ୍ୱେ ୧୯୯୧-୯୨ ମସିହାରେ ୩୧ଟି ଶିଳ୍ପ ସଂସ୍ଥାରୁ ପୁଞ୍ଜିପ୍ରତ୍ୟାହାର ମାଧ୍ୟମରେ କେନ୍ଦ୍ର ସରକାର ୩୦୩୮ କୋଟି ଟଙ୍କା ସଂଗ୍ରହ କଲେ । BJP ନେତୃତ୍ୱାଧିନ NDA ସରକାର ଅମଳରେ ୧୯୯୬ରେ ପୁଞ୍ଜିପ୍ରତ୍ୟାହାର ପାଇଁ G.V. Ramakrishnaଙ୍କ ଅଧ୍ୟକ୍ଷତାରେ ପୁଞ୍ଜିପ୍ରତ୍ୟାହାର କମିଶନ ଏବଂ ୧୯୯୯ରେ ପୁଞ୍ଜିପ୍ରତ୍ୟାହାର ପାଇଁ ସ୍ୱତନ୍ତ୍ର ମନ୍ତ୍ରୀପଦ ସୃଷ୍ଟି କରି ୫୭ଟି ରାଷ୍ଟ୍ରାୟତ୍ତ ସଂସ୍ଥାରୁ ୨୦୦୦-୦୧ ମଧ୍ୟରେ ୨୦,୦୭୮.୬୨ କୋଟି ଟଙ୍କା ସଂଗ୍ରହ କରିଥିଲେ । ୧୯୯୧-୯୨ରୁ ୨୦୦୦-୦୧, ଦଶ ବର୍ଷ ମଧ୍ୟରୁ ମାତ୍ର ୩ବର୍ଷ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ପୂରଣ କରିପାରିଥିଲେ । ୧୯୯୩-୯୪ ମସିହାରେ ଆଦୌ ସଫଳତା ମିଳିନଥିଲା । ଲକ୍ଷ୍ୟ ପୂରଣ ନ ହେବାର ମୁଖ୍ୟ କାରଣ ଥିଲା ସଂସ୍ଥାର ଶ୍ରମିକ କର୍ମଚାରୀମାନଙ୍କ ପ୍ରବଳ ବିରୋଧ । ୨୦୦୧-୦୨ରୁ ୨୦୦୩-୨୦୦୪ରେ NDA ର ଦ୍ୱିତୀୟ ଅବତାରରେ ସରକାର କେତେକ ଶିଳ୍ପକୁ ସମ୍ପୂର୍ଣ୍ଣ ବିକ୍ରି କରିବା ସହିତ କିଛି ସଂସ୍ଥାର ଅଂଶ ବିକ୍ରି କରି ଟ. ୨୧୨୩.୬୮ କୋଟି ଟଙ୍କା ଆୟ କରିଥିଲେ । କିନ୍ତୁ ୨୦୦୪-୨୦୦୫ରୁ ୨୦୦୮-୨୦୦୯ ଆର୍ଥିକ ବର୍ଷମାନଙ୍କରେ UPA-I କୁ ବାମପନ୍ଥୀମାନେ ସମର୍ଥନ କରୁଥିବାରୁ ପୁଞ୍ଜିପ୍ରତ୍ୟାହାର ଏକ ''ବିବାଦୀୟ''ବିଷୟ ହୋଇଗଲା ଏବଂ କେନ୍ଦ୍ର ସରକାର ସେମାନଙ୍କ ଚାପରେ ଘରୋଇକରଣକୁ ଆଗେଇ ଦେଲେନି ଫଳରେ ଏହି ୫ ବର୍ଷ ମଧ୍ୟରେ ମାତ୍ର ୮୫୧୫.୯୩ କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାର ବାବଦରେ ଆୟ ହୋଇଥିଲା । ୨୦୦୯-୧୦ରେ ବାମପନ୍ଥୀମାନେ ସମର୍ଥନ ପ୍ରତ୍ୟାହାର କରିନେବାରୁ UPA ୧୪,୦୦୦ କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର କରିଥିଲା । କିନ୍ତୁ ଏହା ବିରୁଦ୍ଧରେ ଶ୍ରମିକ ଆନ୍ଦୋଳନ ବ୍ୟାପକ ହେବା ଫଳରେ ଲକ୍ଷ୍ୟ ସ୍ଥଳ ୪୦,୦୦୦ କୋଟି ଟଙ୍କାରୁ ମାତ୍ର ଟ. ୧୪,୦୦୦/- କୋଟି ଟଙ୍କାରେ ସିମିତ ରହିଲା ।

ଆମ ରାଜ୍ୟରେ BJD ଓ BJP ମିଳିତ ସରକାର ଥିବା ସମୟରେ ବରଗଡ଼ର ଇଡ଼ିକଲ ସିମେଣ୍ଟ, ଓଡ଼ିଶା ଅର୍ଥନିଗମ, ଆସ୍କା ଚିନି କାରଖାନା, ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଘରୋଇ କରଣ କରାଯାଇଥିବା ବେଳେ କୋଣାର୍କ ଟିଭି. ଓଡ଼ିଶାର କଳିଙ୍ଗ ଘଣ୍ଟା କାରଖାନାକୁ ସମ୍ପୂର୍ଣ୍ଣ ବୁଡାଇ ଦିଆଗଲା ।

ଏ ସବୁ ଘରୋଇକରଣ କିମ୍ବା ପୁଞ୍ଜି ପ୍ରତ୍ୟାହାର କାହା ସ୍ୱାର୍ଥରେ ? ଯେଉଁଠାରେ ନିଯୁକ୍ତି ସୁଯୋଗ ମିଳୁଥିଲା । କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଶିଳ୍ପ ସଂସ୍ଥାଠାରୁ ସେମାନଙ୍କର ଉଚିତ୍ ପ୍ରାପ୍ୟ ପାଉଥିଲେ ଓ ରାଜକୋଷ ଭରଣା ହେଉଥିଲା ତାକୁ କ୍ଷତି ପହଞ୍ଚାଇ କେଉଁ ସରକାର କ'ଣ ଲାଭ ପାଇଲେ? ଜନସାଧାରଣଙ୍କ କି ହିତ ହେଲା ? ଏହାର ଗୋଟିଏ ଉତ୍ତର ହୋଇପାରେ ଦୁର୍ନୀତି ଘରୋଇକରଣର ଉପଜାତ (Corruption is the By-Product of Privatisatin / Disinvestment)

CAG ତଥ୍ୟ ଅନୁଯାୟୀ ହୋଟେଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଜୁହୁ ସେଣ୍ଟାଉର ହୋଟେଲକୁ ବିନା ଟେଣ୍ଡରରେ ମନ୍ତ୍ରୀ ଅରୁଣ ସୌରୀ ତାଙ୍କର ସମ୍ପର୍କୀୟଙ୍କୁ ମାତ୍ର ୧୫୩ କୋଟି ଟଙ୍କାରେ ବିକ୍ରି କରି ଦେଲେ । କ୍ରେତା ଅଜିତ୍ କେରକାର ସେହି ହୋଟେଲକୁ ମାତ୍ର ୩ ବର୍ଷ ମଧ୍ୟରେ ୪୦୦ କୋଟି ଟଙ୍କାରେ ବିକି ୨୫୦ କୋଟି ଟଙ୍କାର ମୁନାଫା ପାଇଲେ । ତାଙ୍କ ପାଖରେ ଟଙ୍କା ନ ଥିବାରୁ ମନ୍ତ୍ରୀଙ୍କ ଦୟାରେ ବ୍ୟାଙ୍କରୁ ମଧ ଟଙ୍କା ମିଳିବାରେ ଅସୁବିଧା ହେଲା ନାହିଁ । ସେହି NDA ସମୟରେ ଅନ୍ୟ ଏକ ଘଟଣା କ୍ରମରେ Air Port Centaur Hotel କୁ ବିକ୍ରି କରାଯାଇଥିଲା । ବାତ୍ରା ହସ୍ପିଟାଲିଟି ପ୍ରା.ଲି.ର ମାଲିକ A.L. Batraକୁ ମାତ୍ର ୮୩ କୋଟି ଟଙ୍କାରେ । ଶ୍ରୀ ବାତ୍ରା ମଧ ବିକ୍ରି ବୋର୍ଡ଼ର ଜଣେ ସଦସ୍ୟ ବା ବିକ୍ରେତା ଓ ନିଜେ କ୍ରେତା । ସେହି ବିକ୍ରେତା (କ୍ରେତା) ୬ ମାସ ପରେ ସେହି ହୋଟେଲକୁ ୧୧୫ କୋଟି ଟଙ୍କାରେ ବିକି ୩୨ କୋଟି ଟଙ୍କା ଲାଭ ପାଇଲେ ।

BSNL କଥା ବିଚାରକୁ ନିଆଯାଉ । କେନ୍ଦ୍ର ସରକାର ଘରୋଇ କମ୍ପାନୀମାନଙ୍କ ଚାପରେ BSNL କୁ DOT ରୁ ଅଲଗା କରି ନିଗମରେ ପରିଣତ କଲେ । ୧୯୯୫ ମସିହାରେ ଘରୋଇ ଟେଲିକମ୍ କମ୍ପାନୀମାନଙ୍କୁ ମୋବାଇଲ୍ ସେବା ପାଇଁ ଲାଇସେନ୍ସ ପ୍ରଦାନ କରିଥିଲା ବେଳେ BSNLକୁ ୨୦୦୨ରେ ଏହି ଅଧିକାର ପ୍ରଦାନ କଲେ । ଫଳରେ ଘରୋଇ କମ୍ପାନୀମାନେ ବଜାର ଦଖଲ ପାଇଁ ୬/୭ ବର୍ଷର ପ୍ରତିଯୋଗିତା ବିହିନ ସୁଯୋଗ ପାଇଲେ ।

ରାଷ୍ଟ୍ରାୟତ୍ତ ଜୀବନ ବୀମା ଏବଂ ସାଧାରଣ ବୀମା ଶିଳ୍ପ ପ୍ରଗତିର ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଚାଲିଥିଲେ ମଧ କେନ୍ଦ୍ର ସରକାରଙ୍କର ଘରୋଇ ସଂସ୍ଥା ପ୍ରୀତି ଯୋଗୁ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ୪ଟି ଯାକ କମ୍ପାନୀକୁ ମିଶାଇ ଗୋଟିଏ କମ୍ପାନୀରେ ପରିଣତ କରିବାର ସମସ୍ତ ଦାବୀକୁ ବେଖାତିର କରିଚାଲିଛନ୍ତି । ଅଳ୍ପ ଦିନ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରକାଶ କଲେ ଜୀବନ ବୀମା ନିଗମ ବହୁ ଶିଘ୍ର ଦେଶର ୩/୪ ଅଂଶ ଜନତାଙ୍କୁ ବୀମା ସୁରକ୍ଷା ଦେବ । କିନ୍ତୁ ୧୦୦% ହେବନି କାହିଁ । ଅର୍ଥମନ୍ତ୍ରୀ ଦେଖୁଥିବେ ଘରୋଇ କମ୍ପାନୀମାନଙ୍କର ବଜାର ଅଂଶଧନ କି ପରିସ୍ଥିତିରେ ଅଛି । ସେମାନେ ସେବା ନାମରେ ଲୋକମାନଙ୍କୁ କିଭଳି ଠକୁଛନ୍ତି ।

କିନ୍ତୁ କେନ୍ଦ୍ର ଏବଂ ରାଜ୍ୟ ସରକାର ମାନେ ରାଷ୍ଟ୍ରର ହିତକୁ ଗୁରୁତ୍ୱ ନ ଦେଇ ନିଜର କିମ୍ବା ଦଳର ହିତକୁ ବେଶି ଗୁରୁତ୍ୱ ଦେଉଛନ୍ତି । ସେମାନେ ଘରୋଇକମ୍ପାନୀମାନଙ୍କୁ ଅଧିକା ପ୍ରୋତ୍ସାହନ ଦେଉଛନ୍ତି । ଫଳରେ ସେମାନଙ୍କ ସମ୍ପତ୍ତିର ତାଲିକା ବଢ଼ି ବଢ଼ି ଚାଲିଛି । ସମୟ ଆସିବ ଭାରତ ବର୍ଷରେ କେବଳ ରାଜ୍ୟ ବିଧାନ ସଭା ଏବଂ ଲୋକ ସଭାକୁ ଛାଡ଼ି ଅନ୍ୟ ସମସ୍ତ ସେବା ଘରୋଇ କମ୍ପାନୀମାନଙ୍କ ହାତରେ ନ୍ୟସ୍ତ ହୋଇଯିବ ।

❖❖❖

ଜାରି କରାଯାଇଛି ଓ ମାଲିକ ସପକ୍ଷବାଦୀ ଶ୍ରମ ଆଇନ ବିଜେପି ଶାସିତ ରାଜ୍ୟରେ ଲାଗୁ କରାଯାଇଛି, ଏ କଥା କୃଷକ-ଶ୍ରମିକଙ୍କୁ ବୁଝେଇବାକୁ ମହାମେ□ ସମର୍ଥ ହେଲା ।

ଜାତିର ଫାଇଦା ଉଠାଇବାକୁ ଟିକେଟ୍ ବ□ନରେ ଯଦିଓ ଏନ୍.ଡ଼ି.ଏ. ଓ ମହାମେ□ ଗୁରୁତ୍ୱ ସହ ବିଚାର କରିଥିଲେ ତାହାର ସୁଫଳ ମହାମେ□ ସପକ୍ଷରେ ଗଲା। କାରଣ ପାଶୱାନ୍ ଓ ଜିତନ୍‌ରାମ ମାନ୍‌ଝିଙ୍କୁ ଲୋକେ ସୁବିଧାବାଦୀ ବୋଲି ବିଚାର କଲେ। ଯାହାଫଳରେ ଦଳିତ, ଅତିଦଳିତ ଓ ପଛୁଆବର୍ଗଙ୍କ ଭୋଟ ଏ ଦୁହେଁ ନେଇପାରିଲେ ନାହିଁ। ବାଜପେୟୀଙ୍କ ନେତୃତ୍ୱାଧିନ ଏନ୍.ଡ଼ି.ଏ-୧ର ଅଂଶୀଦାର ଦଳମାନେ ସରକାରଙ୍କ ସାମାନ୍ୟ ସାଂପ୍ରଦାୟିକ କାର୍ଯ୍ୟଶୈଳୀକୁ ବିରୋଧ କରିପାରୁଥିବାବେଳେ ଏବେ ଅସହିଷ୍ଣୁତା ବହୁଚର୍ଚ୍ଚିତ ହୋଇଥିଲେ ବି ପାଶୱାନ୍ ନୀରବ। ମୋହନ ଭଗବତଙ୍କ ସଂରକ୍ଷଣ ବିରୋଧୀ ମନ୍ତବ୍ୟ ଓ ତା' ସାଙ୍ଗକୁ ମୋଦିଙ୍କ କୌଶଳପୂର୍ଣ୍ଣ ନୀରବତା ସହ ପାଶୱାନ୍-ମାନ୍‌ଝିଙ୍କ ନୀରବତା ଦଳିତ ଓ ପଛୁଆବର୍ଗଙ୍କ ମନରେ ଢେର୍ ସନ୍ଦେହ ପ୍ରକଟ କଲା। ଏହାକୁ ସୁନ୍ଦର ତରିକାରେ ମହାମେ□ ବୁଝାଇ ନିଜ ସପକ୍ଷରେ ଭୋଟ ନେଇଗଲା ।

ଲାଲୁଙ୍କ ଯାଦବ ଗୋଷ୍ଠୀ ଓ ନିତିଶଙ୍କ କୁର୍ମୀ ଗୋଷ୍ଠୀ ବିହାର ଜନସଂଖ୍ୟାର ୨୦ ପ୍ରତିଶତ ବେଳେ ଉଚ୍ଚବର୍ଗ ମାତ୍ର ୧୫ ପ୍ରତିଶତ । ୧୯୯୦ର ମଣ୍ଡଳ କମିଶନ ଅନୁସାରେ ବିହାରର ୧୧୪ଟି ନୀଚ ଜାତି ବହୁ ପଛୁଆବର୍ଗର ଅନ୍ତର୍ଭୁକ୍ତ। ଯଦିଓ ଯାଦବ ଓ ବହୁ ପଛୁଆବର୍ଗଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ନୀତିଶ୍ ତାଙ୍କ ପ୍ରଥମ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବହୁ ପଛୁଆବର୍ଗଙ୍କ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ସେମାନଙ୍କ ମନ ଜିଣିଛନ୍ତି। ତେଣୁ ଯାଦବ, କୁର୍ମୀ, ବହୁ ପଛୁଆବର୍ଗ ଓ ମୁସଲିମ୍‌ଙ୍କ ସମିଶ୍ରଣ ଅନ୍ୟ ସମୀକରଣଠାରୁ ଢ଼େର ଉତ୍ସାହଜନକ ଥିଲା। ମୁସଲିମ୍ ଓ ଯାଦବଙ୍କ ଭୋଟକୁ ନିଜ ମେ□ ପକ୍ଷରେ ରଖିବାକୁ ଲାଲୁ ଏକାକୀ ୨୪୦ଟି ରାଲି କରି ଯେଉଁ କୌଶଳ ପ୍ରୟୋଗ କଲେ ସେଥିରୁ ତାଙ୍କ ମେ□ ସମ୍ପୂର୍ଣ୍ଣ ଫାଇଦା ନେଇପାରିଲା। ଆର୍.ଜେ.ଡ଼ି. ୪୯ ଯାଦବ ପ୍ରାର୍ଥୀଙ୍କ ମଧ୍ୟରୁ ୪୨ଟି ଜିତିଥିବାବେଳେ ୧୬ ମୁସଲିମ୍ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ଜଣ ଜିତିଛନ୍ତି । ସେହିଭଳି ଜେ.ଡ଼ି.ୟୁର ୧୩ ଜଣ ଯାଦବଙ୍କ ମଧ୍ୟରୁ ୧୧ ଜଣ ଜିତିଥିବାବେଳେ ୭ ଜଣ ମୁସଲିମ୍‌ଙ୍କ ମଧ୍ୟରୁ ୫ ଜଣ ଜିତିଛନ୍ତି। ଏବଂ କଂଗ୍ରେସ୍‌ର ୩ ଜଣ ଯାଦବଙ୍କ ମଧ୍ୟରୁ ୨ ଜଣ ଜିତିଥିବାବେଳେ ୧୦ ଜଣ ମୁସଲିମ୍‌ଙ୍କ ମଧ୍ୟରୁ ୬ ଜଣ ଜିତିପାରିଛନ୍ତି।

ଅମିତ୍ ଶାହାଙ୍କୁ ମୋଦି ଯେଉଁ ନିର୍ବାଚନୀ ଯାଦୁକର ବୋଲି ବିବେଚନା କରନ୍ତି ତାହା ବିହାର ମାଟିରେ ଫଳିଲା ନାହିଁ। ଶାହା ତୃଣମୂଳ ସ୍ତରର ଗଣିତକୁ ବୁଝି ନପାରି ସ୍ଥାନୀୟ ନେତୃତ୍ୱଙ୍କୁ ଗୁରୁତ୍ୱ ନଦେଇ ବାହାରର ୯ ଜଣ ମନ୍ତ୍ରୀ ଓ ୧୮ ଜଣ ସାଂସଦଙ୍କୁ ଦାୟିତ୍ୱ ଦେବାଟା ବହୁତ ମହଙ୍ଗା ପଡ଼ିଲା। ପୋଷ୍ଟର ଓ ହୋଡ଼ିଙ୍ଗରେ ସ୍ଥାନୀୟ ନେତୃତ୍ୱଙ୍କ ଫଟୋ ନରଖିବା ଫଳରେ ସ୍ଥାନୀୟ ନେତାଙ୍କ ମଧ୍ୟରେ ଶିଥିଳତା ଓ ବିଦ୍ରୋହ ମନୋଭାବ ଦେଖାଦେଲା। ଏହାର ସୁଯୋଗ ମହାମେ□ ନେଇ **ବିହାରୀ-ବାହାରିର** ବାକ୍‌ଚାତୁରୀ ମାଧ୍ୟମରେ ଯେଉଁ ଭାବନା ସୃଷ୍ଟି କଲେ ତାହା ତାଙ୍କ ପାଇଁ ଫଳପ୍ରଦ ହେଲା ।

ବିଜେପି ନେତୃତ୍ୱଙ୍କ ନକାରାତ୍ମକ ଭାଷଣବାଜି ଯୋଗୁଁ ଲୋକେ ଦୂରେଇଗଲେ। ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଦିନୁ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି ତା' ଉପରେ ବକ୍ତବ୍ୟ ରଖିବା ପରିବ□, ମୋଦି ଅନ୍ୟମାନଙ୍କ ପ୍ରତି ଯେଉଁ ଆକ୍ଷେପ ଓ ପ୍ରତିଆକ୍ଷେପ କଲେ, ରାଜ୍ୟବାସୀ ତାଙ୍କ ପରିପକ୍ୱତାକୁ ସହଜରେ ମାପିବାକୁ ସମର୍ଥ ହେଲେ। ଡ଼ି.ଏନ୍.ଏ. କଥା ହେଉ ବା ଲାଲୁଙ୍କ କନ୍ୟା ଉପରେ ଟିପ୍ପଣୀ ଦେବା କଥା ହେଉ ବା ମହାମେ□କୁ ଥ୍ରୀଇଡ଼ିଅଟ୍‌ର ବାକ୍‌ଚାତୁରୀ ହେଉ ବା ଆର୍.ଜେ.ଡ଼ି.ର ଶବ୍ଦବିନ୍ୟାସ କରି ରୋଜାନା ଜଙ୍ଗଲ ରାଜ୍‌କା ଡର୍ କଥା ହେଉ ରାଜ୍ୟବାସୀ ଏହାକୁ ଶସ୍ତା ଭାଷଣବାଜି ବୋଲି ବିଚାର କଲେ। ସେହିଭଳି ବିହାରରେ ବିଜେପି ପରାଜୟରେ ପାକିସ୍ତାନରେ ବାଣଫୁଟିବ ବୋଲି ଅମିତ୍ ଶାହା କହିବା ଓ ଚୀନ୍ ତଥା ପାକିସ୍ତାନକୁ ଭୟରେ ରଖିବାକୁ ହେଲେ ନରେନ୍ଦ୍ର ମୋଦିଙ୍କୁ ଶକ୍ତିଶାଳୀ କରିବା କଥା ସୁଶୀଲ ମୋଦି ବକ୍ତବ୍ୟ ଦେବା କେବଳ ଆମ ବୈଦେଶିକ ସମ୍ପର୍କକୁ ତିକ୍ତ କରିନାହିଁ, ଏହାକୁ ବିହାରର ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି ।

ଦାଦ୍ରି ଘଟଣା, ଗୋମାଂସଠୁ ଆରମ୍ଭ କରି ସଂଖ୍ୟାଲଘୁଙ୍କ ଉପରେ ବିଜେପି ନେତୃତ୍ୱ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ବି ମୋଦି ଯେଉଁ ନୀରବ ରହିଲେ ତାକୁ ଲୋକେ ଠିକ୍‌ରେ ନେଲେ ନାହିଁ। ଏ ପରିସ୍ଥିତିରେ ମୁସଲମାନ ସଂପ୍ରଦାୟ ଉ□ଜିତ ନ ହୋଇ ଯଥାସମ୍ଭବ ସଂଯମତା ରଖି ପାଣିକୁ ଗୋଳିଆ କରିବାକୁ ନ ଦେବାରୁ କେବଳ ମୁସଲିମ୍‌ଙ୍କ ଭୋଟ ନୁହେଁ ହିନ୍ଦୁ ଭୋଟ ଆପଣେଇବାରେ ମହାମେ□ ସକ୍ଷମ ହେଲା। ଏହାବ୍ୟତୀତ ସାଧ୍ୱୀ ପ୍ରାଚୀ, ସାଂସଦ ମହନ୍ତ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଉସ୍‌କାନୀ ମନ୍ତବ୍ୟ ଦଳ ପାଇଁ ବୁ୍ୟମେରାଂ ସାବିତ୍ ହେଲା । ଗୋଟିଏ ଗାଈକୁ ଜଣେ ମହିଳା କୋଳେଇଥିବାର ଫଟୋ ଥିବା ପୋଷ୍ଟରଗୁଡ଼ିକୁ ତୁରନ୍ତ ହଟେଇବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେବାପରେ ବିଜେପିର ଭାବମୂ□ ଆହୁରି କ୍ଷୁଣ୍ଣ ହେଲା। "ବିକାଶ ପୁରୁଷ", "ସବ୍‌କା ସାଥ୍ ସବ୍‌କା ବିକାଶ" ଭଳି ମୋଦିଙ୍କ ଶବ୍ଦବିନ୍ୟାସକୁ ସୁନ୍ଦର ତରିକାରେ ଲାଲୁଙ୍କ ଓଲଟା ଜବାବ ବିଜେପିକୁ ଢେର୍ କ୍ଷତି ପହ□ାଇଲା।

୨୦୧୩ରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବାରୁ ନୀତିଶ୍ ବିଜେପି ସହ ସମ୍ପର୍କ ତୁଟାଇ ୨୦୧୪ ସାଧାରଣ ନିର୍ବାଚନରେ ଏକାକୀ ଲଢ଼ିଲେ। କଂଗ୍ରେସ ଉପରେ ବୀତସ୍ପୃହ ହୋଇ ଦେଶବାସୀ ଯେହେତୁ ବିଜେପିକୁ ବିକଳ୍ପ ଭାବେ ବାଛିଲେ, ବିହାରରେ ବିଜେପିକୁ ୨୨ଟି ଆସନ ଓ ସହଯୋଗୀ ଏଲ୍.ଜେ.ପିକୁ ୯ଟି ଆସନ ମିଳିଥିବାବେଳେ ଜେଡ଼ିୟୁକୁ ମାତ୍ର ୪ଟି ଓ ଆର୍.ଜେ.ଡ଼ି. ଏବଂ କଂଗ୍ରେସକୁ ୨ଟି ଲେଖାଏଁ ଆସନ ମିଳିଥିଲା। ବିହାରବାସୀ ନୀତିଶ୍‌ଙ୍କ ସୁଶାସନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଭାବି ଏନ୍.ଡ଼ି.ଏର ଆତ୍ମବିଶ୍ୱାସ ଢେର୍ ବଢ଼ିଗଲା ଯାହା ତାଙ୍କ ପାଇଁ ଆତ୍ମଘାତୀ ସାଜିଲା ।

ନିର୍ବାଚନ ଫଳାଫଳ ପରେ ମୋଦିଙ୍କ ଚମକ କମିଛି ବୋଲି ବିଦେଶୀ ଗଣମାଧ୍ୟମ ମତବ୍ୟକ୍ତ କରିଥିବାବେଳେ ଅଣ ବିଜେପିଦଳମାନେ ସାଂପ୍ରଦାୟିକତାବାଦ, ଅସହିଷ୍ଣୁତା, ଏକଛତ୍ରବାଦ ଶାସନର ପରାଜୟ ବୋଲି ମତପୋଷଣ କରିଛନ୍ତି। ସେ ଯାହାହେଉ ବିଶେଷଜ୍ଞଙ୍କ ମତରେ ଦେଶର ହିତ ପାଇଁ ବିଜେପିକୁ ଏକ ବ୍ରେକ୍‌ର ଆବଶ୍ୟକତା ଥିଲା । **୧୯୯୦ ଅକ୍ଟୋବରରେ ଆଡ଼ୱାଣୀଙ୍କ ରଥକୁ ଲାଲୁ ସମସ୍ତିପୁରରେ ଅଟକ ରଖିଥିବାବେଳେ ମୋଦିଙ୍କ ରଥ ପୂର୍ବଭାରତକୁ ଗଡ଼ିବା ପୂର୍ବରୁ ଲାଲୁଙ୍କ ମେ□ ବିହାର ଫାଟକରେ ଅଟକାଇ ଦେବାକୁ ସକ୍ଷମ ହୋଇଛନ୍ତି।** ଜିତିବା-ହାରିବା ବଡ଼ କଥା ନୁହେଁ। ଯିଏ ଆଜି ହାରିଛି ସେ କାଲି ଜିତିପାରେ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯିଏ ଇତିହାସରୁ ସଠିକ୍ ଶିକ୍ଷା ନେଇ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିରକରେ ତାକୁ ହିଁ ବିଜ୍ଞ ବୋଲି ଗ୍ରହଣ କରାଯାଏ। ତେଣୁ ଆଶା କରାଯାଏ ଅନୁଭୂତିକୁ ଶିକ୍ଷକ ଭାବେ ଗ୍ରହଣ କରି ମୋଦି ସରକାର ଜନବାଦୀ ନୀତି ଆପଣେଇବେ ଓ ବିରୋଧ ତଥା ବହୁବାଦକୁ ସମ୍ମାନ ଦେବେ। ଏହା ଦଳ ପାଇଁ ତଥା ଦେଶ ପାଇଁ ହିତକର ହେବ। ଅନେକ ବେଳେ ଦେଖାଯାଇଛି ବିଫଳତା ମନୁଷ୍ୟକୁ ସଠିକ୍ ମାର୍ଗରେ ଆଣିବାକୁ ସହାୟକ ହୁଏ ଓ ଆତ୍ମଆନୁଶୀଳନ ପାଇଁ ସୁଯୋଗ ସୃଷ୍ଟି କରାଏ। ଏହି ସମୟରେ ମୋଦି ଦଳର ଅସନ୍ତୁଷ୍ଟ ନେତାଙ୍କ ସହ ବିଚାରବିମର୍ଷ କରି ସମସ୍ତଙ୍କୁ ସାଥିରେ ନେଇ ଯଦି ଚାଲିପାରିବେ, ତେବେ ତାଙ୍କ ଦଳ ତଥା ଦେଶ ପାଇଁ କିଛିଟା ଶୁଭଙ୍କର ହେବ ।

❖❖❖



# ବିହାର ନିର୍ବାଚନ - ଏକ ସମୀକ୍ଷା

**ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA**

ବହୁ ପ୍ରତୀକ୍ଷିତ ବିହାର ନିର୍ବାଚନର କଳ୍ପନା ଜଳ୍ପନାର ଅନ୍ତ ଘଟିଛି ୮ ନଭେମ୍ବର ୨୦୧୫ରେ। ଯେହେତୁ ୨୦୧୬-୨୦୧୭ରେ ପଶ୍ଚିମବଙ୍ଗ, କେରଳ, ଆସାମ, ପଞ୍ଜାବ, ପୁଡୁଚେରୀ, ତାମିଲନାଡୁ, ଉ□ରପ୍ରଦେଶର ବିଧାନସଭା ନିର୍ବାଚନ ରହିଛି, ବିହାର ନିର୍ବାଚନ ଥିଲା ଦିଗ ନିର୍ଣ୍ଣାୟକ। ସମୀକ୍ଷକଙ୍କ ମତରେ ରାଜ୍ୟସଭାରେ ବିଜେପିର ସଭ୍ୟ ସଂଖ୍ୟା ଯେହେତୁ ୬୩ ଓ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇଁ ୧୬୩ ଆବଶ୍ୟକ, ତେଣୁ ରାଜ୍ୟ ବିଧାନ ସଭାର ଗଣିତ ବିଜେପି ସପକ୍ଷରେ ହାସଲ ପାଇଁ ମୋଦି ସରକାର ସର୍ବଶକ୍ତି ଦେଇ ଲଢ଼ିଥିଲେ। ୨୦୧୪ ସାଧାରଣ ନିର୍ବାଚନ ପରେ ଏ ଯେତିକି ଥିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ସେତିକି ଥିଲା ଗୁରୁତ୍ୱପୂର୍ଣ୍ଣ। ୨୦୧୪ ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରେ ନୀତିଶ୍ ଓ ଲାଲୁ ସେମାନଙ୍କ ମଧ୍ୟରେ ଥିବା ଦୀର୍ଘ ୨୦ ବର୍ଷର ରାଜନୈତିକ ଶତ୍ରୁତାକୁ ପଛରେ ରଖି ମେ□ ଗଠନ ପାଇଁ ସ୍ଥିର କଲେ। ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇଥିବା ଦଳଗୁଡ଼ିକ ମଧ୍ୟରୁ ମହାଗଠବନ୍ଧନ ହୋଇଥିଲା ନୀତିଶ, ଲାଲୁ ଓ ସୋନିଆଙ୍କୁ ନେଇ। ସେହିପରି ଏନ୍.ଡ଼ି.ଏ.ର ଅଂଶୀଦାର ଦଳଗୁଡ଼ିକ ହେଲେ ବିଜେପି, ପାଶୱାନ୍‌ଙ୍କ ଲୋକ ଜନଶକ୍ତି ପାର୍ଟି, ଉପେନ୍ଦ୍ର କୁଶୱାଙ୍କ ରାଷ୍ଟ୍ରୀୟ ଲୋକସମତା ପାର୍ଟି ଓ ଜିତନ୍ ରାମ୍ ମାନ୍‌ଝିଙ୍କ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚା। ବାମପନ୍ଥୀଙ୍କ ମେ□ରେ ଥିଲେ - ସି.ପି.ଆଇ., ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍.ଏଲ୍)। ଚତୁର୍ଥ ମେ□ର ଅଂଶୀଦାର ଦଳ ହେଲେ ସମାଜବାଦୀ ପାର୍ଟି, ଏନ୍.ସି.ପି. ଓ ପପୁ ଯାଦବଙ୍କ ଜନ ଅଧିକାର ମୋର୍ଚ୍ଚା । ଏହା ବାଦ୍ ଆଶାଦୁଦ୍ଦିନ୍‌ଙ୍କ ଏ.ଆଇ.ଏମ୍.ଆଇ.ଏମ୍. ଏକାକୀଭାବେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲା । ପା□ ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନର ପ୍ରଚାର ୫ ସପ୍ତାହ ବ୍ୟାପୀ ଚାଲିଥିଲା ଓ ବସ୍ତୁତଃ ଲଢ଼େଇ ଥିଲା ଦ୍ୱିମୁଖୀ - ଏନ୍.ଡ଼ି.ଏ. ଓ ମହାମେ□ ।

ସାଧାରଣ ନିର୍ବାଚନର ଫଳ ତଥା ତା' ପରବ□ୀ ବିଧାନସଭା ନିର୍ବାଚନରେ - ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ, ଜାମ୍ମୁ-କାଶ୍ମୀର ବିଜେପିର ଉତ୍ସାହଜନକ ପ୍ରଦର୍ଶନ ପରେ ତା'ର ପୁନରାବୃ□ି ଘଟିବ ବୋଲି ଆଶା କରିବା ସ୍ୱାଭାବିକ । ଦ୍ୱିତୀୟତଃ, ସମାଜବାଦୀ ପାର୍ଟି ଓ ଆଶାଦୁଦ୍ଦିନ୍‌ଙ୍କ ଦଳ ଅଲଗା ଲଢ଼ି ଯଥାକ୍ରମେ ଜନତା ପରିବାର ଓ ମୁସଲିମ୍ ଭୋଟକୁ ବିଭାଜିତ କରିବ ଯାହାକି ଏନ୍.ଡ଼ି.ଏ. ସପକ୍ଷରେ ଯିବ ବୋଲି ମଧ୍ୟ ଆଶା କରାଯାଉଥିଲା। ଏପରିକି ବିଭିନ୍ନ ଗଣମାଧ୍ୟମ ମଧ୍ୟ ଅନୁରୂପ ଆକଳନ କରିଥିଲା । କିନ୍ତୁ ଭୋଟ ଗଣତି ପରେ ଫଳାଫଳର ଚିତ୍ର ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଯଦିଓ ଗଣତିର ପ୍ରାରମ୍ଭିକ ଅବସ୍ଥାରେ ଡାକ ଭୋଟ ଗଣତି ଏନ୍.ଡ଼ି.ଏ. ସପକ୍ଷରେ ଥିଲା ତା' ପରବ□ୀ ପର୍ଯ୍ୟାୟରେ ମହାମେ□ ଆଡ଼କୁ ଫଳାଫଳ କଡ଼ ଲେଉଟାଇଲା। ସମୁଦାୟ ୨୪୩ ଆସନରୁ ମହାମେ□ ୧୭୮ ଆସନ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲା। ଏନ୍.ଡ଼ି.ଏ.କୁ ମାତ୍ର ୫୮ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ସି.ପି.ଆଇ.କୁ ୩ଟି ଆସନ ମିଳିଥିବାବେଳେ ସ୍ୱାଧୀନଙ୍କୁ ୪ଟି ମିଳିଥିଲା। ଦଳଗତ ହିସାବରେ ବିଚାର କଲେ ଆର୍.ଜେ.ଡ଼ି. ୧୦୧ଟି ଆସନ ପ୍ରତିଦ୍ୱନ୍ଦ୍ୱିତା କରି ୮୦ଟି ଆସନ ଅକ୍ତିଆର କରି ମୁଖ୍ୟଦଳ ଭାବେ ଉଭା ହୋଇଥିବାବେଳେ ଜେ.ଡ଼ି.ୟୁ. ୧୦୧ ଆସନରୁ ୭୧ଟିରେ ବିଜୟୀ ହୋଇ ଦ୍ୱିତୀୟ ସ୍ଥାନରେ। ସେହିପରି ବିଜେପି ୧୬୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୫୩ଟିରେ ଜିତିଥିବାବେଳେ କଂଗ୍ରେସ ୪୧ଟି ଆସନରୁ ୨୭ଟିରେ ବିଜୟୀ ହୋଇ ଚତୁର୍ଥ ସ୍ଥାନ ହାସଲ କରିଛି। ଏଲ୍.ଜେ.ପି. ୪୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୨ଟି ଜିତିଥିବାବେଳେ ରାଷ୍ଟ୍ରୀୟ ଲୋକସମତା ପାର୍ଟି ୨ଟି ଆସନରେ ବିଜୟୀ ହୋଇଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍ ରାମ୍ ମାନ୍‌ଝି ଯେଉଁ ବଡ଼ ଖେଳ ଖେଳିବେ ବୋଲି ଆଶା କରାଯାଉଥିଲା ସବୁ ଫିକା ପଡ଼ିଯାଇଛି। ମାନ୍‌ଝିଙ୍କ ଦଳ ୨୧ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ତାଙ୍କ ବ୍ୟତୀତ ଦଳର ସମସ୍ତ ପ୍ରାର୍ଥୀ ପରାସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ମାନ୍‌ଝି ୨ଟି ଆସନ - ମାଖଦୁମ୍‌ପୁର, ଇମାମ୍‌ଗଞ୍ଜରେ ନିଜେ ପ୍ରତିଦ୍ୱନ୍ଦ୍ୱିତା କରି ତାଙ୍କର ପାରମ୍ପରିକ ନିର୍ବାଚନ ମଣ୍ଡଳୀ ମାଖଦୁମପୁରରୁ ପରାସ୍ତ ହୋଇଛନ୍ତି। ଦୁଇଟି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମେ□ର ଭୋଟ ଅଂଶଧନକୁ ଦେଖିଲେ ଏନ୍.ଡ଼ି.ଏ.କୁ ୩୪ ପ୍ରତିଶତ ମିଳିଥିବାବେଳେ ମହାମେ□କୁ ୪୬ ପ୍ରତିଶତ ଭୋଟର ପସନ୍ଦ କରିଛନ୍ତି ।

ଏହି ନିର୍ବାଚନକୁ ବିଶେଷଜ୍ଞମାନେ ଭିନ୍ନ ଭିନ୍ନ ଶୈଳୀରେ ସମୀକ୍ଷା କରନ୍ତି। ସାଧାରଣ ନିର୍ବାଚନରେ ବିଜେପିକୁ ୨୯.୮୬ ଶତକଡ଼ା ଭୋଟ ମିଳିଥିବାବେଳେ ସଦ୍ୟ ସମାହିତ ନିର୍ବାଚନରେ ୨୪.୪ ଶତକଡ଼ା ମିଳିଛି। ସେହିପରି ଆର୍.ଜେ.ଡ଼ିକୁ ସାଧାରଣ ନିର୍ବାଚନରେ ୧୮.୫ ପ୍ରତିଶତ ଭୋଟ ମିଳିଥିଲାବେଳେ ଏ ନିର୍ବାଚନରେ ୨୦ ପ୍ରତିଶତ ଭୋଟ ମିଳିଛି ଓ ଜେ.ଡ଼ି.ୟୁକୁ ୧୬.୦୪ ପ୍ରତିଶତ ସ୍ଥାନରେ ଏଥର ୧୬.୮ ପ୍ରତିଶତ ମିଳିଛି। ସାଧାରଣ ନିର୍ବାଚନ ପରଠାରୁ ବିଜେପିର ଚମକ ହ୍ରାସ ପାଇଥିବାର ସୂଚନା ମିଳେ। ବିହାରର ୩୮ଟି ଜିଲ୍ଲାରୁ ୨୬ଟି ଜିଲ୍ଲାରେ ମୋଦି ପ୍ରଚାର କରିଛନ୍ତି ଓ ତନ୍ମଧ୍ୟରୁ ୬ଟି ଜିଲ୍ଲାରେ ବିଜେପିକୁ କୌଣସି ସଫଳତା ମିଳିନାହିଁ। ମୋଦି ଭାଷଣ ରଖିଥିବା ୨୬ଟି ନିର୍ବାଚନ ମଣ୍ଡଳୀରୁ ବିଜେପି ଦଖଲରେ ଥିବା ୧୦ଟି ଆସନ ମହାମେ□ ହାତକୁ ଚାଲିଯାଇଛି। ଆର୍.ଜେ.ଡ଼ି.ର ଭୋଟ ଅଂଶ ବିଜେପି ତୁଳନାରେ କମ୍ ହୋଇ ସୁଦ୍ଧା ଆସନ ସଂଖ୍ୟା ଅଧିକ ମିଳିଛି, କାରଣ ଭାରତବର୍ଷର ନିର୍ବାଚନ ବ୍ୟବସ୍ଥା ହେଉଛି 'ଫାଷ୍ଟ ପାଷ୍ଟ ଦି ପୋଷ୍ଟ'। ଯଦି ଆନୁପାତିକ ବ୍ୟବସ୍ଥା ଥାଆନ୍ତା, ତେବେ ବିଜେପିର ଆସନ ସଂଖ୍ୟା ୫୯, ଆର୍.ଜେ.ଡ଼ି.କୁ ୪୯ଟି ଓ ଜେଡ଼ିୟୁକୁ ୪୧ଟି ଆସନ ମିଳିଥାଆନ୍ତା। ଏହି ଆନୁପାତିକ ବ୍ୟବସ୍ଥା ନ ଥିବାରୁ ସାଧାରଣ ନିର୍ବାଚନରେ ବିଜେପି ବିରୋଧରେ ୬୯% ଭୋଟ ଯାଇ ମଧ୍ୟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ।

୨୦୧୦ ବିଧାନସଭା ନିର୍ବାଚନରେ ନୀତିଶ୍ ଓ ବିଜେପି ମଧ୍ୟରେ ମେ□ ଥିଲା ଏବଂ ଆର୍.ଜେ.ଡ଼ି. ଏକାକୀ ଲଢ଼ିଥିଲା। ଏହି ନିର୍ବାଚନରେ ଆର୍.ଜେ.ଡ଼ି.କୁ ୨୦୧୦ ତୁଳନାରେ ୫୯ଟି ଅଧିକ ଆସନ ମିଳିଥିବାବେଳେ କଂଗ୍ରେସକୁ ୨୩ଟି ଓ ସି.ପି.ଆଇ.କୁ ୩ଟି ଅଧିକ ଆସନ ମିଳିଛି। ସେହିପରି ଜେ.ଡ଼ି.ୟୁ ୪୪ଟି ଆସନ ହରେଇଥିବାବେଳେ ବିଜେପିକୁ ୩୮ଟି ଆସନ ହରେଇବାକୁ ପଡ଼ିଛି। ଏଥିରୁ ବୁଝାପଡ଼େ ଯେ ନିତିଶଙ୍କ ସୁଶାସନକୁ ଲୋକେ ପୁରା ଭୁଲିନାହାନ୍ତି ଓ ଲାଲୁ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ ବି ରାଜ୍ୟବାସୀଙ୍କ ଦ୍ୱାରା ଆଦୃତ।

ମୁଖ୍ୟତଃ ନିର୍ବାଚନ ଥିଲା ମୁଖ୍ୟମନ୍ତ୍ରୀ ବନାମ ପ୍ରଧାନମନ୍ତ୍ରୀ। ଅତୀତରେ ଆମ ଦେଶର କୌଣସି ପ୍ରଧାନମନ୍ତ୍ରୀ ଏକ ରାଜ୍ୟ ନିର୍ବାଚନରେ ଏଭଳି ଖୁଲମ୍ ଖୋଲା ସାମ୍ନାକୁ ଆସିନାହାନ୍ତି। ଏହା ଆମ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ମୋଦି ଯେହେତୁ ଦଳର ଏକମାତ୍ର ତାରକା ପ୍ରଚାରକ, ତାଙ୍କୁ ୩୦ ଥର ନିର୍ବାଚନୀ ଭାଷଣ ପାଇଁ ବିହାର ଆସିବାକୁ ପଡ଼ିଛି। ମୋଦିଙ୍କ ୧୬ ମାସ ଶାସନରେ ଯେହେତୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହୋଇଛି ଓ ବିକାଶର ନାମ ନେଇ ପୁଞ୍ଜିପତିଙ୍କୁ ସନ୍ତୁଷ୍ଟ କରାଯାଇଛି, ମୋଦିଙ୍କ ଭାଷଣକୁ ଖଣ୍ଡନ କରି ଜନମତ ସୃଷ୍ଟି କରିବାରେ ମହାମେ□କୁ ସହଜ ହେଲା। ଯଦିଓ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି ଜମି ଅଧିଗ୍ରହଣ ଅଧ୍ୟାଦେଶକୁ ଯେଭଳି ଜିଦ୍ ଧରି ତିନି ତିନି ଥର

**ଅବଶିଷ୍ଟାଂଶ ୧୧ ପୃଷ୍ଠାରେ**